# ଅନ୍ତର୍ଜାତୀୟ ଖୋଖୋ ଖେଳିବେ ଗଜପତିର ପାବନି

ଗୋଷାଣି/ପାରଳାଖେମୁଣ୍ଡି,୧୧।୧(ସମିସ)






ଇଚ୍ଛାଶକ୍ତି ଥିଲେ ସବୁ କିଛି ସମ୍ଭବ। ଇଚ୍ଛାଶକ୍ତି ତାଙ୍କୁ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇଛି। ଗଜପତି ଜିଲ୍ଲାକୁ ରାଜ୍ୟ ଓ ଜାତୀୟ ସ୍ତରରେ ଗୌରବାନ୍ୱିତ କରିବା ପରେ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବା ପ୍ରୟାସରେ ଅଛନ୍ତି। ସେ ହେଉଛନ୍ତି ଗଜପତି ମାଟିର ପାବନି ଶବର। ପଲ୍ଲୀର ଏକ ଗରୀବ ପରିବାରରେ ଜନ୍ମଗ୍ରହଣ କରିଥିବା ପାବନି ଶବର ଜାତୀୟ ସ୍ତରରେ୍ ଖ୍ୟାତି ଅର୍ଜନ କରି ସଂପ୍ରତି ଗୁଜରାଟ ରାଜ୍ୟ ତରଫରୁ ଖୋଖୋ ଖେଳିବା ପରେ ଏବେ ଅନ୍ତର୍ଜାତୀୟ ଖୋଖୋରେ ଓଡ଼ିଶାର ଏକ ମାତ୍ର ଖେଳାଳି ଭାବେ ସ୍ଥାନ ପାଇଛନ୍ତି। ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଗାରବନ୍ଧ ଗ୍ରାମ ନିକଟସ୍ଥ ଭେଙ୍କଟାପୁରର ଆଦିବାସୀ ପରିବାରରେ ଜନ୍ମିତ ପାବନିଙ୍କ ବାପା ୨୦୧୨ରେ ଅକାଳରେ ପରଲୋକଗମନ କଲେ। ତିନି ଭାଇ ଜଣେ ଭଉଣୀଙ୍କ ମଧ୍ୟରେ ପାବନୀ କନିଷ୍ଠ । ଏପରି ଆର୍ଥିକ ଅନଟନ ଦେଇ ଗତି କରୁଥିବା ପାବନି ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ନିଜ ଗ୍ରାମ ବିଦ୍ୟାଳୟରେ ପ୍ରାଥମିକ ଶିକ୍ଷାପରେ ଷଷ୍ଠ ଶ୍ରେଣୀ ଗାରବନ୍ଧ ସ୍ଥିତ ଶ୍ରୀ ଭେଙ୍କେଟେଶ୍ୱର ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନ କରିଥିଲେ। ଏଠାରେ ତାଙ୍କର ଖେଳ ପ୍ରତିଭାକୁ ବାରି ପାରିଥିଲେ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଅଭିନ୍ନ ବାସୁଦେବ ମିଶ୍ର। ପାବନି ବିଦ୍ୟାଳୟ ମଧ୍ୟରେ ହେଉଥିବା ଖେଳ ଆଦିରେ ଭାଗ ନେଇ ପ୍ରଶଂସିତ ହେଉଥିବା ଦେଖି ଉଭୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବି.ତିରୁମଲା ରାଓ ପଟ୍ଟନାୟକ ଏବଂ କ୍ରୀଡା ଶିକ୍ଷକ ଶ୍ରୀ ମିଶ୍ର ବଣମଲ୍ଲିର ମହକ ବାରି ପାରିଥିଲେ। ୨୦୧୬ରେ କଟକରେ ଅନୁଷ୍ଠିତ ଆଦିବାସୀ କ୍ରୀଡ଼ାରେ ପାବନି ଖେଳୁଥିବା ବିଦ୍ୟାଳୟସ୍ତରୀୟ ଖୋଖୋ ଟିମ୍‌ରେ ଭାଗ ନେଇ ସ୍ୱର୍ଣ୍ଣ ପଦକ ପାଇ ସଫଳତାର ପ୍ରଥମ ସୋପାନ ଚଢ଼ିଥିଲେ। ଏହାପରେ ସେ ଆଉ ପଛକୁ ଚାହିଁନାହାନ୍ତି। ସେ ବ୍ଲକ ସମେତ ଗଜପତି ଜିଲ୍ଲାରେ ଖ୍ୟାତି ଅର୍ଜନ କରିଥିଲେ। ଦଶମ ଶ୍ରେଣୀରେ ପାସ ହେବା ପରେ ଗୁରାଣ୍ଡି ସ୍ଥିତ ମୀନକେତନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ଦୁଇ ଅଧ୍ୟୟନ କରିଥିଲେ। ମାଗଣା ଶିକ୍ଷା ଲାଭ ପାଇଁ ଭୁବନେଶ୍ୱରର ଏକ ଅନୁଷ୍ଠାନରେ ନାମ ଲେଖାଇଥିଲେ। ଯୁକ୍ତ ତିନିରେ ଅଧ୍ୟୟନ ରତ ରହି ସେ ଜାତୀୟସ୍ତର ଖୋଖୋ ପ୍ରତିଯୋଗିତାରେ ଭାଗ ନେଇଥିଲେ । ଏହି କ୍ରମରେ ସେ ଜାତୀୟ ଦଳରେ ସାମିଲ ହୋଇପାରିଛନ୍ତି। ଆସନ୍ତା ୧୩ରୁ ୧୯ ତାରିଖ ପର୍ଯ୍ୟନ୍ତ ଅନ୍ତର୍ଜାତୀୟ ଖୋଖୋ ପ୍ରତିଯୋଗିତାକୁ ହେଉଛି। ପାବନୀଙ୍କ ଏହି ସଫଳତାକୁ ନେଇ ତାଙ୍କୁ ଶୁଭେଚ୍ଛା ଜଣାଇବା ଉଦ୍ଦେଶ୍ୟରେ ଶନିବାର ଗାରାବନ୍ଧରେ ସେ ଅଧ୍ୟୟନ କରିଥିବା ହାଇସ୍କୁଲର ଶତାଧିକ ଛାତ୍ରଛାତ୍ରୀ ଓ ଶିକ୍ଷକ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରିଥିଲେ।

## ଗଦାପୁର ନଦୀରେ ବୁଡ଼ି ଯୁବକ ମୃତ

ଦାରିଙ୍ଗବାଡ଼ି, ବ୍ରାହ୍ମଣୀଗାଁ,୧୧।୧(ସମିସ): କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁ ଥାନା ଅନ୍ତର୍ଗତ ଗଦାପୁର ଗ୍ରାମ ରଥ ସାହିର ଦିବ୍ୟଲୋଚନ ମହାକୁଡ(୨୫) ଶନିବାର ସକାଳେ ଗଦାପୁର ନଦୀ ପରମାନନ୍ଦ ଗାଧୁଆ ତୋଠରେ ବୁଡି ଯିବାରୁ ମୃତ୍ୟୁ ହୋଇଛି। ଦିବ୍ୟାଲୋଚନ ସକାଳୁ ଶୌଚ ପାଇଁ ନଦୀକୁ ଯାଇଥିଲେ। ପରମାନନ୍ଦ ଗାଧୁଆ ତୁଠ ପଥୁରିଆ ଜାଗା ଓ ଶିଉଳିମୟ ହୋଇଥିବାରୁ ଗୋଡ଼ ଖସି ଯାଇଥିଲା। ସେ ଜାଡ ପାଣିରେ ବୁଡ଼ି ଯାଇଥିଲା। ସେଇ ତୋଠକୁ ସ୍ନାନ ଶୌଚ ପାଇଁ ଯାଇଥିବା ଲୋକେ ଦିବ୍ୟଲୋଚନଙ୍କୁ ଉଦ୍ଧାର କରି୧୦୮ ଆମ୍ବୁଲାନ୍ସ ଖବର ଦେଇ ଥିଲେ। ପରିବାର ସଦସ୍ୟ ବ୍ରାହ୍ମଣୀଗାଁ ଡାକ୍ତରଖାନାରେ ତାଙ୍କୁ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ଯୁବକଙ୍କୁ ମୃତ ବୋଲି ଘୋଷଣା କରିଥଲେ। ମୃତଙ୍କ ମାମୁ ବାଳକୃଷ୍ଣ ମହାକୁଡ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ବିଜୟ କୁମାର ହାଇବୁରୁଙ୍କ ନିର୍ଦ୍ଦେଶ କ୍ରମେ ଏଏସଆଇ ରମାକାନ୍ତ ସେଠୀ ଓ ଏଏସଆଇ ଶଙ୍କର ୱାଡ଼ାକା ଡାକ୍ତରଖନାରେ ପହଞ୍ଚି ଘଟଣା ସମ୍ପର୍କରେ ତଦନ୍ତ ଜାରୀ ରଖି ମୃତଦେହ ବ୍ୟବଚ୍ଛେଦ କରି ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି।

## ବାରଖମାକୁ ବ୍ଲକ୍ ମାନ୍ୟତା ଦାବିରେ ପ୍ରସ୍ତୁତି ବୈଠକ

ବାଲିଗୁଡା,୧୧।୧(ସମିସ)

କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବ୍ଲକ ବାରଖମା ପଞ୍ଚାୟତକୁ ବ୍ଲକର ମାନ୍ୟତା ଦାବିରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବ୍ଲକ ଗଠନ ସଂଗ୍ରାମ ମଞ୍ଚ ପକ୍ଷରୁ ଶୁକ୍ରବାର ଦିନ ୮ ପଞ୍ଚାୟତର ସମସ୍ତ ପ୍ରତିନିଧି ଜିଲ୍ଲା ପରିଷଦ ସଭ୍ୟ, ସମିତିସଭ୍ୟ, ସରପଞ୍ଚ, ନାଏବ ସରପଞ୍ଚ ଏବଂ ବୁଦ୍ଧିଜୀବି,ଶିକ୍ଷାବିତ୍,ସାମାଜିକ କାର୍ଯ୍ୟକର୍ତ୍ତା, ସ୍ୱୟଂ ସହାୟକ ଗୋଷ୍ଠୀ ଓ ସମସ୍ତ ଶିକ୍ଷିତ ଯୁବକ ଯୁବତୀଙ୍କୁ ନେଇ ଏହି ବୈଠକ ହୋଇଥିଲା। ରାଜ୍ୟର ବିଭିନ୍ନ ସ୍ଥାନରେ ନୂତନ ବ୍ଲକ ଗଠନ ପାଇଁ ବର୍ଷ ବର୍ଷ ଧରି ଦାବି ହୋଇଆସୁଛି। ରାଜ୍ୟ ସରକାର ନୂତନ ବ୍ଲକ ଗଠନ ପ୍ରକ୍ରିୟା ଆରମ୍ଭ ପାଇଁ ରାଜସ୍ୱ ମନ୍ତ୍ରୀଙ୍କ ସୂଚନା ପରେ ଏବେ ବିଭିନ୍ନ ଅଞ୍ଚଳରେ ଏହାକୁ ନେଇ ଉତ୍ସାହ ଦେଖାଦେଇଛି। ୧୫ ନଂ ଜିଲ୍ଲାପରିଷଦ ଜୋନ ଅଧୀନରେ ରହିଥିବା ୮ ପଞ୍ଚାୟତର ଜନସାଧାରଣଙ୍କୁ ନେଇ ଗଠିତ ବ୍ଲକ ସଂଗ୍ରାମ ମଞ୍ଚ ପକ୍ଷରୁ ଶୁକ୍ରବାର ଦିନ ସୁଡ୍ରା ପଞ୍ଚାୟତର ଡାବୁଡ଼କା ଘାଟିରେ ଏକ ବୈଠକ ଅନୁଷ୍ଠିତ ହୋଇ ୮ ପଞ୍ଚାୟତବାସୀ ମେଲି ବାନ୍ଧି ଆଲୋଚନା କରିଥିଲେ। ସଭାପତି ଜୟଚନ୍ଦ୍ର ନାୟକ ସଭାପତିତ୍ୱରେ ବୈଠକ ହୋଇଥିଲା। ଆସନ୍ତା ୧୭ ତାରିଖରେ ବାରଖମା ନୂତନ ବ୍ଲକ ଗଠନ ଦାବିରେ ବାଲିଗୁଡାରେ ଶୋଭାଯାତ୍ରା କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବା ନିଷ୍ପତ୍ତି ହୋଇଛି। ଏହି ବୈଠକରେ ବ୍ଲକ ସଂଗ୍ରାମ ମଞ୍ଚ ଉପସଭାପତି ବିଜେଶ୍ୱର ମଲିକ, ଦେବେନ୍ଦ୍ର କହଁର, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ, ସମ୍ପାଦକ ବୀରେନ୍ଦ୍ର କୁମାର ସାହୁ, ପୁରୁଷୋତ୍ତମ ବେହେରା, ଉମାଚରଣ ଦିଗାଲ, ଲକ୍ଷ୍ମୀନାରାୟଣ ଦଣ୍ଡିଆ, ହେରୋଦ ନାୟକ, ଆଇବର ନାୟକ,ରାଜେନ୍ଦ୍ର ବେହେରା ଓ ପ୍ରକାଶ ସାହୁ ଯୋଗ ଦେଇଥିଲେ।

## ବାଲିଗୁଡ଼ା ବ୍ଲକ୍‌ସ୍ତରୀୟ ଜନପ୍ରତିନିଧି ପରିଷଦର ବାର୍ଷିକ ବୈଠକ

ବାଲିଗୁଡା,୧୧।୧(ସମିସ): କନ୍ଧମାଳ ଜିଲ୍ଲା ବାଲିଗୁଡା ଗାୟତ୍ରୀ ମଣ୍ଡପରେ ବ୍ଲକ ସ୍ତରୀୟ ପଞ୍ଚାୟତ ଜନପ୍ରତିନିଧି ପରିଷଦର ତୃତୀୟ ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ପ୍ରତି ପଞ୍ଚାୟତରୁ ଆସିଥିବା ଜନପ୍ରତିନିଧି ନିଜ ନିଜ ପଞ୍ଚାୟତ ର ସୁବିଧା ଅସୁବିଧା ବୈଠକରେ ଉପସ୍ଥାପନା କରିଥିଲେ। ବାଲିଗୁଡା ଉପଖଣ୍ଡ ଡାକ୍ତରଖାନାରେ ରକ୍ତ ଭଣ୍ଡାରରେ ରକ୍ତ ଅଭାବ ସମସ୍ୟାକୁ ଦୃଷ୍ଟି ଆଖିରେ ରଖି ଆଗାମୀ ସମୟରେ ରକ୍ତଦାନ ଶିବିର କରାଯିବା, ବାଲିଗୁଡା ଡାକ୍ତରଖାନାରେ ବିଶେଷଜ୍ଞ ଡାକ୍ତର ଅଭାବ ପୂରଣ ଦିଗରେ ସରକାରଙ୍କୁ ଜଣାଇବା ଓ କିଛି ପଞ୍ଚାୟତ ରେ ୱାର୍ଡମେମ୍ବରଙ୍କ ସିଟିଙ୍ଗ ଫିଜ ଏକ ବର୍ଷରୁ ଅଧିକ ହେବ ଦିଆଯାଇ ନ ଥିବାରୁ, ଶୀଘ୍ର ଯେପରି ସେମାନଙ୍କ ମାସିକ ଭତ୍ତା ମିଳି ପାରିବ ସେଇ ବିଷୟରେ ପ୍ରଶାସନକୁ ଜଣାଇବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବାଲିଗୁଡା ଅଞ୍ଚଳର ଜଣାଶୁଣା ସମାଜସେବୀ ଅରୁଣ କୁମାର ନାୟକ ତାଙ୍କ ବୃହତ ମାନବୀୟ ସେବାକାର୍ଯ୍ୟ ପାଇଁ ବାଲିଗୁଡା ବ୍ଲକ ସ୍ତରୀୟ ପଞ୍ଚାୟତ ଜନ ପ୍ରତିନିଧି ପରିବାର ପକ୍ଷରୁ ଶ୍ରେଷ୍ଠ ସେବା ସମ୍ମାନର ମାନପତ୍ର ପ୍ରଦାନ କରାଯାଇଥିଲା। ପଞ୍ଚାୟତ ଜନପ୍ରତିନିଧିଙ୍କୁ ବୃହତ କାର୍ଯ୍ୟ ନିମନ୍ତେ ଉତ୍ସାହିତ ପୂର୍ବକ ବୈଠକର ମୁଖ୍ୟଅତିଥି ବାଲିଗୁଡା ତହସିଲଦାର ଦୀପ୍ତି ପ୍ରକାଶ ବେହେରାଙ୍କ ଉପସ୍ଥିତରେ ସମସ୍ତଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଉପଦେଷ୍ଟା ରଘୁନାଥ ମଲିକ ବୈଠକରେ ସଭାପତିତ୍ୱ କରିଥିବା ବେଳେ ଉପ ସଭାପତି ପରମାନନ୍ଦ ନାୟକ ଧନ୍ୟବାଦ ଅର୍ପଣ କରି ଥିଲେ। ସମ୍ପାଦକ ଅଶୋକ ମଲିକ ମଞ୍ଚ ପରିଚାଳନା କରିଥିଲେ। ଉକ୍ତ ବୈଠକରେ ବାଲିଗୁଡା ବ୍ଲକର ସମସ୍ତ ପଞ୍ଚାୟତ ର ଜନପ୍ରତିନିଧି ଉପସ୍ଥିତ ଥିଲେ। ବୈଠକ ସମାପ୍ତି ପରେ ଉପସ୍ଥିତ ଜନପ୍ରତିନିଧି ସମସ୍ତେ ଜରାନିବାସକୁ ଯାଇ ଅନ୍ତେବାସୀଙ୍କୁ କିଛି ଫଳ ଖାଦ୍ୟ ସାମଗ୍ରୀ ଦେବାସହ କେକ କାଟି ସମସ୍ତଙ୍କୁ ଦେଇ ତାଙ୍କ ମୁହଁରେ କିଛି ହସ ଫୁଟାଇଥିଲେ ।

## ଫିରିଙ୍ଗିଆ ଲ୍ୟାମ୍ପସରେ ଖୋଲିଲା ଧାନମଣ୍ଡି



ଫିରିଙ୍ଗିଆ,୧୧।୧(ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଫିରିଙ୍ଗିଆ ଲ୍ୟାମ୍ପସ ପରିସରରେ ଧାନ ମଣ୍ଡି ଉଦଘାଟିତ ହୋଇଛି। ଉଦଘାଟନୀ ଅବସରରେ ମୁଖ୍ୟଅତିଥି ଭାବରେ ତହସିଲଦାର ଅନାମିକା ପାଣ୍ଡେ ଯୋଗ ଦେଇ ଫିତା କାଟି ଓ ଧୂପ ଦୀପ ପ୍ରଜ୍ୱଳନ ସହ ଅନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ। ଅନ୍ୟଙ୍କ ମଧ୍ୟରେ ଅତିରିକ୍ତ ତହସିଲଦାର ପୃଥ୍ୱୀରାଜ ମହାନନ୍ଦିଆ, ସହକାରୀ ଉପ ନିବନ୍ଧକ ସମବାୟ ସେବା ସମିତି ଲଳିତ ମାଝୀ, ଫିରିଙ୍ଗିଆ ବ୍ଲକ ଯୋଗାଣ ନିରୀକ୍ଷକ ସଞ୍ଜୟ ଦାଶ, କୃଷି ପରିଦର୍ଶକ ଫିରିଙ୍ଗିଆ ସୂର୍ଯ୍ୟ କାନ୍ତ ବରାଳ, ଭି ଏ ଡବ୍ଲୁ ବିଦିତା ସେଠୀ, ପରିଚାଳନା ନିର୍ଦ୍ଦେଶକ କିସାନ ଦିଗାଲ, ପୂର୍ବତନ ସଭାପତି ତଥା ଫିରିଙ୍ଗିଆ ଲ୍ୟାମ୍ପ ନିର୍ଦ୍ଦେଶକ ବିରଞ୍ଚି ଦିଗାଲ, ଦିବ୍ୟ ଲୋଚନ ପାତ୍ର, ବିବେକା ଦିଗାଲ, ପ୍ରତାପ କହଁର, ଶିବାନନ୍ଦବାରିକ ଓ ଆର ଏମ ସି କର୍ମଚାରୀ ପାର୍ଥ ଦେହୁରୀ ଯୋଗ ଦେଇଥିଲେ। ଚଳିତ ବର୍ଷ ଫିରିଙ୍ଗିଆ ଲ୍ୟାମ୍ପସରେ ୧୦୨ ଜଣ ଚାଷୀ ପଞ୍ଜୀକୃତ କରିଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୪୬୫ କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯିବ ଏବଂ ଚଳିତ ବର୍ଷ ୧୨ ସହ କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯିବାର ବ୍ୟବସ୍ଥା ରହିଥିବା ଲ୍ୟାମ୍ପସ ପରିଚାଳନା ନିର୍ଦ୍ଦେଶକ କିସାନ ଦିଗାଲ ସୂଚନା ଦେଇଛନ୍ତି । ଫିରିଙ୍ଗିଆ ବ୍ଲକର ଚାଷୀ ପଦ୍ମ ଚରଣ ପ୍ରଧାନ, ମଦନ କହଁର, ସୁବାଷ ଚନ୍ଦ୍ର କହଁର, କୈଳାଶ କହଁର, ଅନିରୁଦ୍ଧ ଦିଗାଲ ଓ ଲବ ମୁଖୀଙ୍କ ସହ ବହୁ ଚାଷୀ ମଣ୍ଡି ଉଦଘାଟନ ଅବସରରେ ଯୋଗ ଦେଇଥିଲେ ।

## ରାଇକିଆ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପାଇଁ ପ୍ରସ୍ତୁତି ବୈଠକ



ରାଇକିଆ,୧୧।୧(ସମିସ): କନ୍ଧମାଳ ଜିଲ୍ଲା ରାଇକିଆ ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା ପାଇଁ ଏକ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଥିଲା। ସଭାପତି ସତ୍ୟବାନ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସହରବାସୀଙ୍କ ଉପସ୍ଥିତିରେ ଏହାର ଆୟୋଜନ ନେଇ ଆଲୋଚନା କରଯାଇଥିଲା। ମାର୍ଚ୍ଚ ୪ ତାରିଖରୁ ଏକ ସପ୍ତାହ ବ୍ୟାପି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଥିବାବେଳେ କଳସ ଯାତ୍ରା, ବନଯାଗ, ରତ୍ନ ମୁଦ ପ୍ରତିଷ୍ଠା, ପଞ୍ଚଯଜ୍ଞ, ରତ୍ନ ସିଂହାସନାରୋହଣ, ଧ୍ୱଜ ଭ୍ରମଣ , ପୂର୍ଣ୍ଣାହୂତି, ଭାଗବତ ସପ୍ତାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହାର ସଫଳ ଆୟୋଜନ ପାଇଁ ମତାମତ ନିଆ ଯାଇଥିଲା। ପୂର୍ବତନ ବିଧାୟକ ମନୋଜ ପ୍ରଧାନ, ସମ୍ପାଦକ ବାଇନଥ ଦାସ, ଯୁଗ୍ମ ସମ୍ପାଦକ ସନ୍ତୋଷ ଲେଙ୍କା, ବଣିକ ସଂଘ ସଭାପତି ପଦ୍ମ ଚରଣ ପଣ୍ଡା, ସମ୍ପାଦକ ଦୁର୍ଯୋଧନ ଲେଙ୍କା, କୋଷାଧକ୍ଷ ସନ୍ତୋଷ ପଣ୍ଡାଙ୍କ ସମେତ ପରିଚାଳନା କମିଟି ସଦସ୍ୟ ଉପସ୍ଥିତ ଥିଲେ ।

## ୨୭୦ ବୃଦ୍ଧବୃଦ୍ଧାଙ୍କୁ କମ୍ବଳ ବଣ୍ଟନ

ରାଇକିଆ,୧୧।୧(ସମିସ): କନ୍ଧମାଳ ଜିଲ୍ଲା ଟିକାବାଲି ବ୍ଲକ ଗଡଗୁଡା ଅନନ୍ତ ଦୀପ୍ତି ଆଶା ଟ୍ରଷ୍ଟ ପକ୍ଷରୁ ରାଇକିଆ ବ୍ଲକ ଅନ୍ତର୍ଗତ ମଣ୍ଡାକିଆ ପଞ୍ଚାୟତର ଗଦରିଙ୍ଗିଆ ରେ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମଣ୍ଡାକିଆ, ରାଇକିଆ, ଗୁଣ୍ଡାନି, ଟୋଟୋମାହା, ବୋଡ୍ରିଙ୍ଗିଆ, ଗୋଡ୍ରିଙ୍ଗିଆ, କାମ୍ବାଗୁଡା, ଆଡାସିକୁପା, କୋଟେଡି, ବୁଡ଼ାମାହା, ଡୋମ୍ବୁପା, ବ୍ଲକର ଆଖପାଖ ପଞ୍ଚାୟତର ପ୍ରାୟ ୨୭୦ ଜଣ ଗରିବ ବୃଦ୍ଧବୃଦ୍ଧାଙ୍କ କମ୍ବଳ ବଣ୍ଟନ କରାଯାଇଥିଲା। ଟ୍ରଷ୍ଟର ସଦସ୍ୟ ଫାଦର ବିନୋଦ ଦିଗାଲଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବଣ୍ଟନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଇକିଆ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରୀତମ ପ୍ରଧାନ, ସ୍ଥାନୀୟ ୱାଡର୍ ମେମ୍ବର କଳ୍ପନା ପ୍ରଧାନ ଉପସ୍ଥିତ ଥିଲେ । ଟ୍ରଷ୍ଟ ପକ୍ଷରୁ ଆଗାମୀ ଦିନରେ ଏଭଳି କାର୍ଯ୍ୟକ୍ରମ ଜରିଆରେ କନ୍ଧମାଳ ଜିଲ୍ଲାର ବିଭିନ୍ନ ଅପହଞ୍ଚ ଗାଁରେ ଏଭଳି ବଣ୍ଟନ ହେବ ବୋଲି କୁହାଯାଇଛି।

## ୧୦୨ ଏକର ଗଞ୍ଜେଇ ଗଛ ନଷ୍ଟକଲା ପୁଲିସ



ଫିରିଙ୍ଗିଆ,୧୧।୧(ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ପୁଲିସ ତଳଦଣ୍ଡିକିଆ ପଞ୍ଚାୟତ ପାଦେରୀପଡ଼ା, ବାଉଡ଼ିପଡା ଓ ଯୁଜୁରୁପଡ଼ା ଗ୍ରାମ୍ୟ ପାର୍ଶ୍ୱବର୍ତ୍ତୀ ଜଙ୍ଗଲ ଓ ପାହାଡିଆ ଜଙ୍ଗଲ ଜମିରେ ବେଆଇନ ଭାବରେ ଚାଷ ହୋଇଥିବା ପ୍ରାୟ ୧୦୨ ଏକର ଜମିର ଗଞ୍ଜେଇ ଗଛ କାଟି ଜାଳି ପୋଡି ନଷ୍ଟ କରିଛି। ନଷ୍ଟ କରାଯାଇଥିବା ଗଞ୍ଜେଇ ଗଛର ଅନୁମାନିକ ମୂଲ୍ୟ ୧ କୋଟି ୨ ଲକ୍ଷ ଟଙ୍କା ହେବ ବୋଲି କୁହାଯାଇଛି। ପୁଲିସ କର୍ମୀ ସହ ଗଛ କାଟିବା ପାଇଁ ପ୍ରାୟ ତିରିଶ ଜଣ ଶ୍ରମିକ ନିୟୋଜିତ ହୋଇଥିବା ବେଳେ ସୁରକ୍ଷା ଦୃଷ୍ଟିକୁ ଆଖିଆଗରେ ରଖି ୨ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା।

## ଦିବାଲୋକରେ ବାଇକ୍ ଚୋରି

ଫିରିଙ୍ଗିଆ,୧୧।୧(ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକରେ ଚୋରି, ଡକାୟତି ଘଟଣା ବୃଦ୍ଧି ପାଇବାରେ ଲାଗିଛି। ଶନିବାର ଦିନ ୧୨ଟା ସମୟରେ ବିଦ୍ୟାଳୟ ସମ୍ମୁଖୀରୁ ବିଦ୍ୟାଳୟ ଚୋରି ହୋଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ କେଳାପଡା ପଞ୍ଚାୟତ ବେହିଙ୍ଗିଆ ଗାଁର ଗୁନି ମଲିକ ସରକାରୀ ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଭିଭାବକ ବୈଠକରେ ଯୋଗ ଦେବାକୁ ଆସି ଗେଟ ବାହାରେ ବାଇକ ରଖି ଭିତରକୁ ଯାଇଥିଲେ। କିନ୍ତୁ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଚାଲିଥିବାରୁ ଅଭିଭାବକ ବୈଠକ ବନ୍ଦ ହୋଇଥିଲା। ସେ ବିଦ୍ୟାଳୟରେ ୧୫ ରୁ ୨୦ ମିନିଟ ରହି ଫେରି ଆସିଥିଲେ। ହେଲେ ବାହାରକୁ ଆସି ଦେଖିବା ବେଳକୁ ତାଙ୍କ ବାଇକ ନ ଥିବା ଦେଖିଥିଲେ। ପରେ ଥାନାରେ ଅଭିଯୋଗ କରିଥିଲେ। ଫିରିଙ୍ଗିଆରେ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡ଼ି ଯାଇଥିବା ଭଳି ପରିସ୍ଥିତି ଉପୁଜିଛି। ସ୍ୱଷ୍ଟ ଦିବାଲୋକରେ ବାରମ୍ବାର ସାଇକଲ, ବାଇକ ଚୋରି ହେଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶପାଉଛି।

## ଜି.ଉଦୟଗିରିରେ ବଢୁଛି ରୋଡ ରୋମିଓଙ୍କ ଦୌରାତ୍ମ୍ୟ

ଜି.ଉଦୟଗିରି,୧୧।୧(ସମିସ): କନ୍ଧମାଳ ଜିଲ୍ଲା ଜି. ଉଦୟଗିରି ସହରରେ ଦିନକୁ ଦିନ ମଦୁଆ, ରୋଡରୋମିଓଙ୍କ ଦୌରାତ୍ମ୍ୟ ବଢିବାରେ ଲାଗିଛି। ସେମାନଙ୍କ ଦ୍ରୁତଗତି ରେ ଗାଡି ଚାଳନାରେ କେତେ ଆରପାରିକି ଗଲେଣି, କେତେ କୋମାରେ ଅଛନ୍ତି, ଆଉ କେତେ ପଙ୍ଗୁ ହୋଇ ବସିଛନ୍ତି। ବିକଟାଳ ଶବ୍ଦ ରେ ସାଧାରଣ ଲୋକ ସହିତ ବରିଷ୍ଠ ଭୟଭୀତ ହୋଇଥିବା ବେଳେ କୌଣସି କାର୍ଯ୍ୟାନୁଷ୍ଠାନ ନହେବା ଫଳରେ ସେମାନେ ବେଲଗାମ ହେବାରେ ଲାଗିଛନ୍ତି। ସ୍କୁଲ କଲେଜ ସମ୍ମୁଖରେ ରୋଡ ରୋମିଓଙ୍କ ପଇଁତରା ମାରିବା, ଦ୍ରୁତ ଗତିରେ ତିନିଜଣ ବସି ବାଇକ ଚଲାଇବାରେ ଲୋକେ ଅତିଷ୍ଠ ହୋଇପଡୁଛନ୍ତି। ନିକଟରେ ଶ୍ରୀରାମ ପଦାରେ ଘଟିଥିବା ବାଇକ ଦୁର୍ଘଟଣା ସମସ୍ତଙ୍କୁ ଚିନ୍ତା କରିବାକୁ ବାଧ୍ୟ କରିଛି। ଦିନକୁ ଦିନ ଏହା ବଢୁଥିବା ବେଳେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି। ସହରର ପ୍ରମୁଖ ସ୍ଥାନ ବନ୍ଧଛକ, ଗାନ୍ଧୀ ଛକ, ଭେଟନାରୀ ଛକ ଏବଂ ପୋଷ୍ଟ ଅଫିସ ଛକରେ ସିସି କ୍ୟାମେରା ଲଗାଇବା ସହିତ, ସ୍ପିଡ ବ୍ରେକର ସ୍ଥାପନ ସହ ରୋଡରୋମିଓ ଓ ଦ୍ରୁତ ଗାଡି ଚାଳକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହେଉଛି।

## ଜି.ଉଦୟଗିରିରେ ତାପମାତ୍ରା ୪.୮ ଡିଗ୍ରୀ

ଜି.ଉଦୟଗିରି,୧୧।୧(ସମିସ): ସପ୍ତାହେ ହେଲା କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ଅଞ୍ଚଳରେ ଶୀତର ପ୍ରକୋପ ବଢିବାରେ ଲାଗିଥିବା ବେଳେ ଶନିବାର ୫ ଡିଗ୍ରୀ ତଳକୁ ଖସିଥିବା ରେକର୍ଡ କରିଛି କୃଷି ଗବେଷଣା କେନ୍ଦ୍ର। ଅସହ୍ୟ ଜାଡରେ ମଣିଷ ସହିତ ପଶୁ ପକ୍ଷୀ ସମସ୍ତେ ପ୍ରଭାବିତ ହେଉଛନ୍ତି। ରାଜ୍ୟର ଶୀତଳତମ ସହର ଭାବେ ଜି. ଉଦୟଗିରି ପରିଚିତ ହେବାପରେ ଆଜି ଦ୍ୱିତୀୟ ଶନିବାର ଯୋଗୁ ବିଭିନ୍ନ ପର୍ଯ୍ୟଟନସ୍ଥଳ କାଲିଗାଡୁ ହିଲଟପ, ସିରିକି ଯୁକୋ ପାର୍କ ସହିତ କଳିଙ୍ଗା ବଟନିକାଲ ଗାର୍ଡେନ, ଝାଉଁ ବଣ, କଳିଙ୍ଗ ଅନ୍ଧାରିକୋଟରେ ପର୍ଯ୍ୟଟକଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଛି।



## ହବାକ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ଜି.ଉଦୟଗିରି,୧୧।୧(ସମିସ): କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ହବାକ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଶନିବାର ବାର୍ଷିକ କ୍ରୀଡ଼ା ଉଦଯାପିତ ହୋଇଛି। ପ୍ରଧାନ ଶିକ୍ଷକ ବିଜୟ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଦୁଇ ଦିନିଆ କ୍ରୀଡ଼ା ପ୍ରତିଯୋଗିତାରେ ବିଭିନ୍ନ ଖେଳରେ ପିଲାମାନେ ଅଂଶ ଗ୍ରହଣ କରିଥିବା ବେଳେ ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରାଯାଇଥିଲା।। ଖେଳ ଶିକ୍ଷକ ସତ୍ୟବ୍ରତ କର୍ଣ୍ଣ ଖେଳ ପରିଚାଳନା କରିଥିବା ବେଳେ ଶିକ୍ଷକ କେଶବ ପ୍ରଧାନ, ଅରୁଣ ପ୍ରଧାନ, ଡି. ପୂର୍ଣ୍ଣଚନ୍ଦ୍ର, ଶିକ୍ଷୟିତ୍ରୀ ସୁମିତାରାଣୀ ଜୋସିରା, ମମତା ରାଣୀ ରାଉତ, ଦୀପ୍ତିମୟୀ ଭୋଇ, ଗୀତାଞ୍ଜଳି ପ୍ରଧାନ, ବିଏଡ କଲେଜ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

# କ୍ଷୀରାବ୍ଧି ତନୟାଙ୍କ ରାଜ୍ୟସ୍ତରୀୟ ଯୁବ ସଂସଦ ପ୍ରତିଯୋଗିତାରେ ସର୍ବୋତ୍ତମ ପ୍ରଦର୍ଶନ

ଫୁଲବାଣୀ,୧୧।୧(ସମିସ)



କନ୍ଧମାଳ ଜିଲ୍ଲା ଡିଇଓ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ଯୁବ ସଂସଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଥିଲା।ଏହି ପ୍ରତିଯୋଗିତାରେ ପ୍ରତେକ ସ୍କୁଲର ଦୁଇ ଜଣ ବଛା ବଛା ଛାତ୍ରଛାତ୍ରୀ ଯୋଗ ଦେଇ ନିଜ ନିଜର ଭାଷଣ ଓ କିପରି ସାଂସଦରେ ଇଂରାଜୀ, ହିନ୍ଦୀ ଭାଷାରେ ପରିବେଷଣ କରାଯାଉଛି ଏହାରି ଉପରେ ଏକ ପ୍ରତିଯୋଗିତା ହୋଇଥିଲା। ଏହି ପ୍ରତିଯୋଗିତାରେ କନ୍ଧମାଳ ଜିଲ୍ଲାର ବେଲପଦର ନିକଟ ଧୋବାତୋଟା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଏକାଦଶର ଛାତ୍ରୀ କ୍ଷୀରାବ୍ଧି ତନୟା ପ୍ରଥମ ସ୍ଥାନ ଅଧିକାର କରି ଭୁବନେଶ୍ୱରରେ ହୋଇଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏହି ପ୍ରତିଯୋଗିତା ୭ତାରିଖରୁ ଆରମ୍ଭ ହୋଇ ୧୦ ତାରିଖରେ ଶେଷ ହୋଇଥିଲା। ଉକ୍ତ ପ୍ରତିଯୋଗିତାରେ ୩୦ ଜିଲ୍ଲାରୁ ଛାତ୍ରଛାତ୍ରୀ ଆସି ଭୁବନେଶ୍ୱରର ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦରେ ରହି ଶିକ୍ଷକ ଓ ଜୁରୀ ମେମ୍ବର ଦ୍ୱାରା ପ୍ରଶିକ୍ଷଣ ନେଇଥିଲେ। ପ୍ରଶିକ୍ଷଣ ସମୟରେ ୩୦ ଜିଲ୍ଲାର ଛାତ୍ରଛାତ୍ରୀଙ୍କ ହିନ୍ଦୀ ଓ ଇଂରାଜୀର ଶୈଳିକୁ ଦେଖି ପ୍ରଧାନମନ୍ତ୍ରୀ, ଖଣି ମନ୍ତ୍ରୀ,ବିରୋଧୀ ଦଳର ନେତା, ଅର୍ଥମନ୍ତ୍ରୀ ଓ ରାଷ୍ଟ୍ରପତି ପରି ଏହିପରି ୩୦ ଜଣକୁ ନିଜ ନିଜର ରୋଲ କରିବାକୁ ଦିଆଯାଇଥିଲା। ଏହି ରୋଲକୁ ପରିବେଷଣ ଓ ପ୍ରତିଯୋଗିତା କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ୧୦ ତାରିଖ ଦିନ ଭୁବନେଶ୍ୱର କୃଷି ଭବନରେ ପ୍ରତିଯୋଗିତା କରାଯାଇଥିଲା। ଏହି ପ୍ରତିଯୋଗିତାରେ କନ୍ଧମାଳ ଜିଲ୍ଲାର ବେଲପଦର ନିକଟ ଧୋବାତୋଟାର ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଏକାଦଶ ଶ୍ରେଣୀର ଛାତ୍ରୀ କ୍ଷୀରାବ୍ଧି ତନୟା ସମସ୍ତଙ୍କୁ ପଛରେ ପକାଇ କନ୍ଧମାଳ ଜିଲ୍ଲା,ଓଡିଶା ଆଦର୍ଶ ବିଦ୍ୟାଳୟର ନାଁକୁ ଦୁଇଗୁଣ କରିଦେଇଛନ୍ତି ।ଏଥିପାଇଁ ସେ ମୁଖ୍ୟ ଅତିଥିଙ୍କ ଠାରୁ ରାଜ୍ୟ ସ୍ତରୀୟ ଯୁବ ସଂସଦ ପ୍ରତିଯୋଗିତାରେ ସଫଳ ପାରଦର୍ଶିତା ପୁରସ୍କାର ପାଇଛନ୍ତି। ଏହାକୁ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ତରଫରୁ ଆୟୋଜନ କରାଯାଇଥିଲା। କ୍ଷୀରାବ୍ଧି ତନୟା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ରୋଲ କରି ସମସ୍ତଙ୍କୁ ଚକିତ କରିଥିଲେ। ଏଥିପାଇଁ କନ୍ଧମାଳ ଜିଲ୍ଲା, ଜିଲ୍ଲା ଶିକ୍ଷା ଅଧିକାରୀ, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରିନ୍ସପାଲ ଓ ସମସ୍ତ ସ୍କୁଲର ଶିକ୍ଷକ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି ।



# ୩ ଯୁବକଙ୍କ ଠାରୁ ଅଳଙ୍କାର ଓ ମୋବାଇଲ୍ ଲୁଟ୍

ବ୍ରହ୍ମପୁର,୧୧ ।୧(ସମିସ): ବ୍ରହ୍ମପୁର ସହରରେ ମାତିଛନ୍ତି ଲୁଟେରା ଗ୍ୟାଙ୍ଗ। ପ୍ରତିଦିନ ବିଭିନ୍ନ ଥାନା ଇଲାକାରୁ କରୁଛନ୍ତି ଲୁଟ୍‌ପାଟ। ୬ ଓ ୭ତାରିଖ ଦୁଇଦିନରେ ସହରର ବିଭିନ୍ନ ସ୍ଥାନରେ ୩ଜଣ ଯୁବକଙ୍କ ଠାରୁ ସୁନା ଅଳଙ୍କାର ଓ ମୋବାଇଲ ଲୁଟ ହୋଇଥିବା ଅଭିଯୋଗ ହୋଇଛି। ଦୁଇଜଣ ଯୁବକଙ୍କ ଠାରୁ ୨ଟି ମୋବାଇଲ ଲୁଟ ହୋଇଥିବା ନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଥିବା ବେଳେ ଟାଉନ ଥାନା ଅଞ୍ଚଳରେ ଜଣେ ଯୁବକଙ୍କ ଠାରୁ ଅନ୍ୟଏକ ମୋବାଇଲ ଓ ସୁନା ଚେନ, ବ୍ରେସଲେଟ ଲୁଟ ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗକୁ ଆଧାର କରି ପୁଲିସ ପୃଥକ ପୃଥକ ମାମଲା ରୁଜୁ କରି ତଦନ୍ତ କରୁଛି। ସୂଚନାଯୋଗ୍ୟ ଯେ, ସୋରଡ଼ା ଅଞ୍ଚଳ ନିବାସୀ ତଥା ଗୋଷାଣୀନୁଆଗାଁ ଥାନା ଅନ୍ତର୍ଗତ ନେହେରୁନଗରରେ ରହୁଥିବା ନୀଳାଞ୍ଚଳ ପାଢ଼ୀଙ୍କୁ ଗତ ୭ତାରିଖ ସକାଳେ ଜଣେ ଯୁବତୀଙ୍କ ସହ ସାକ୍ଷାତ ହୋଇଥିଲା। ବ୍ରହ୍ମପୁର ରିଲାଏନ୍ସ ଡିଜିଟାଲ ଷ୍ଟୋର ନିକଟରେ ଉକ୍ତ ଯୁବତୀ ଓ ତାଙ୍କର କିଛି ସହଯୋଗୀମାନେ ନୀଳାଞ୍ଚଳଙ୍କୁ ମାଡମାରି ତାଙ୍କର ମୋବାଇଲ, ସୁନାଚେନ, ବ୍ରେସଲେଟ ଓ ଆଇଡ଼ି କାର୍ଡ ଛଡ଼ାଇ ନେଇଥିଲେ। ନୀଳାଞ୍ଚଳ ଏନେଇ ଟାଉନ ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିଲେ। ସେହିପରି ଖାରବେଳନଗର ପ୍ରଥମ ଲାଇନ ନିବାସୀ ଶିବାନନ୍ଦ ପଣ୍ଡା ୬ତାରିଖ ସନ୍ଧ୍ୟା ପ୍ରାୟ ସାଢ଼େ ୭ଟା ବେଳେ ବ୍ୟାଙ୍କ କଲୋନୀ ବାପୁଜୀ ନଗରକୁ ଯାଇଥିଲେ। ସେଠାରେ ଜଣେ ଦୁର୍ବୃତ୍ତ ଶିବାନନ୍ଦ ଧରିଥିବା ଫୋନକୁ ଝାମ୍ପି ନେଇ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ। ଏନେଇ ଶିବାନନ୍ଦ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଛନ୍ତି। ସେହିଭଳି ଗତ ୭ତାରିଖ ରାତିରେ ଏମକେସିଜି ମେଡ଼ିକାଲ କଲେଜ ସର୍ଜରୀ କୋଠା ନିକଟରେ ସିଦ୍ଧାର୍ଥନଗର ଅଞ୍ଚଳର ପରେଶ ବିଶ୍ୱାଳ(୨୧)ଙ୍କ ମୋବାଇଲ ଲୁଟ ହୋଇଥିବା ନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଛି। ଅନୁରୂପ ଭାବେ ଗତ ମଙ୍ଗଳବାର ସନ୍ଧ୍ୟାରେ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଗଜପତିନଗର ଏଲଆଇଜି ପାର୍କ ନିକଟରେ ଝାଡୁ କରୁଥିବା ଜଣେ ମହିଳା ସଫେଇ କର୍ମଚାରୀଙ୍କ ମୋବାଇଲ ଲୁଟ ହୋଇଥିବା ଅଭିଯୋଗ ହୋଇଛି।

**ପୁଣି ଜଣେ ସଫେଇ କର୍ମଚାରୀଙ୍କ ଠାରୁ ଛଡ଼ାଇନେଲେ ମୋବାଇଲ**

# ବୁଲା କୁକୁର ଓ ଗୋରୁଙ୍କୁ ନେଇ ଚିନ୍ତାରେ ବିଏମ୍‌ସି

ବ୍ରହ୍ମପୁର,୧୧ ।୧(ସମିସ)





- ସ୍ଥାୟୀ ସମାଧାନ ପାଇଁ ମେୟରଙ୍କ ଅଧ୍ୟକ୍ଷତାରେ ବସିଲା ଜରୁରୀ ବୈଠକ
- କୁକୁର ବଂଶବୃଦ୍ଧି ନିୟନ୍ତ୍ରଣ ପାଇଁ ଖୁବ୍‌ଶୀଘ୍ର କାର୍ଯ୍ୟକାରୀ ହେବ 'ଏବିସି'
- ଗୋରୁଗାଈ ମାଲିକଙ୍କ ଠାରୁ ଆଦାୟ ହେବ ମୋଟା ଅଙ୍କର ଜରିମାନା
- ନିର୍ମାଣ ହେବ ଗୋଶାଳା, ଡଗ୍ କେନାଲ ଓ ଆନିମଲ୍ କ୍ରିମେଟୋରିୟମ

ସହରରେ ଦିନକୁ ଦିନ ବୃଦ୍ଧିପାଇବାରେ ଲାଗିଛି ବୁଲା କୁକୁରଙ୍କ ସଂଖ୍ୟା। ସାଙ୍ଗକୁ ରାସ୍ତାଉପରେ ଗୋରୁଗାଈଙ୍କ ଅବାଧ ବିଚରଣ ଯୋଗୁଁ ବଢିବାରେ ଲାଗିଛି ଟ୍ରାଫିକ ସମସ୍ୟା ଓ ଏଥି ଜନିତ ସଡକ ଦୁର୍ଘଟଣା। ଯାହାକୁ ନେଇ ଚିନ୍ତାରେ ବ୍ରହ୍ମପୁର ମହାନଗର ନିଗମ କର୍ତ୍ତୃପକ୍ଷ। ଏଣିକି ଆବଶ୍ୟକ ଭିତ୍ତିଭୂମିର ବିକାଶ ସହିତ କଡା ଆଭିମୁଖ୍ୟ ଗ୍ରହଣ କରିବାକୁ ନିଷ୍ପତ୍ତି ନେଇଛନ୍ତି ନିଗମ କର୍ତ୍ତୃପକ୍ଷ। ରାସ୍ତା ଉପରେ ଗୋରୁଗାଈ ଓ ବୁଲା କୁକୁରଙ୍କ ପ୍ରାଦୁର୍ଭାବକୁ ଦୃଷ୍ଟିରେ ରଖି ମେୟର ସଙ୍ଘମିତ୍ରା ଦଳାଇଙ୍କ ଅଧକ୍ଷତାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବୁଲା ପ୍ରାଣୀଙ୍କ ବିଭିନ୍ନ ସମସ୍ୟାକୁ ନେଇ ଆଲୋଚନା ହୋଇଥିଲା। ଏଥି ମଧ୍ୟରେ ବୁଲା ଗାଈଗୋରୁଙ୍କ ଅବାଧ ବିଚରଣ ଯୋଗୁଁ ରାସ୍ତା ଅବରୋଧ ସାଙ୍ଗକୁ ବୁଲା କୁକୁରଙ୍କ ବଂଶ ବୃଦ୍ଧି ସମ୍ପର୍କିତ ବିସ୍ତୃତ ଆଲୋଚନା କରାଯାଇଥିଲା। ବୁଲା କୁକୁରଙ୍କ ସଂଖ୍ୟାକୁ ନିୟନ୍ତ୍ରଣ କରିବା ପାଇଁ ସେମାନଙ୍କ ବନ୍ଧ୍ୟାକରଣ କରାଯାଇ କୁକୁର ପ୍ରଜନନ ନିୟନ୍ତ୍ରଣ ପାଇଁ 'ଏବିସି' କାର୍ଯ୍ୟକ୍ରମକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ବୈଠକରେ ସହମତି ପ୍ରକାଶ ପାଇଥିଲା। ଗୋରୁଗାଈଙ୍କୁ ସେମାନଙ୍କ ମାଲିକ ଖିର ସଂଗ୍ରହ ପରେ ରାସ୍ତାରେ ଯେଭଳି ନଛାଡ଼ିବେ ସେଥିପାଇଁ ମାଲିକମାନଙ୍କୁ ତାଗିଦ୍ କରିଛି ବିଏମସି। ଏହାକୁ ଅମାନ୍ୟ କଲେ ରାସ୍ତାରେ ବିଚରଣ କରୁଥିବା ଗୋରୁଗାଈଙ୍କୁ ଉଠାଇ ନେଇ ପ୍ରାଣୀ ଚିକିତ୍ସାଳୟ ପରିସରରେ ଥିବା ରୋଗିଣୀ ଗୋରୁଗାଈଙ୍କ ପାଇଁ ଉଦ୍ଦିଷ୍ଟ ଆଶ୍ରୟସ୍ଥଳୀରେ ସାମୟିକ ଭାବେ ରଖାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏବଂ ଗାଈ ମାଲିକ ନିଜ ଅଟକ ଗାଈକୁ ନେବାକୁ ଆସିଲେ ସେମାନଙ୍କ ଠାରୁ ୩୦୦୦(ତିନି ହଜାର) ଟଙ୍କା ଭଳି ବଡ ରକମର ଜରିମାନା ଆଦାୟ କରାଯିବା ପାଇଁ ଆପାତତଃ ସ୍ଥିର ହୋଇଛି। ତେବେ ଏନେଇ ନିଗମ ବୈଠକରେ ଚୂଡାନ୍ତ ନିଷ୍ପତ୍ତି ନିଆଯିବ। ସେହିପରି ଧରାଯାଇଥିବା କୁକୁରଙ୍କୁ ସେମାନଙ୍କ ବନ୍ଧ୍ୟାକରଣ ପର୍ଯ୍ୟନ୍ତ ପ୍ରାଣୀ ଚିକିତ୍ସାଳୟ ପରିସରରେ ନିର୍ମିତ ଡଗ କେନାଲରେ ରହିବା ଓ ଖାଇବା ବ୍ୟବସ୍ଥା ପାଇଁ ତୁରନ୍ତ ଟେଣ୍ଡର ଆହ୍ୱାନ କରିବା ପାଇଁ ନିଷ୍ପତ୍ତି ହୋଇଛି। ଏଥିସହ ଗୋରୁଗାଈଙ୍କ ଦ୍ୱାରା ରାସ୍ତା ଅବରୋଧକୁ ପ୍ରତିରୋଧ କରିବା ପାଇଁ ଆଗାମୀ ଦିନରେ ୱାର୍ଡ ନମ୍ବର-୨୭ଅନ୍ତର୍ଗତ ଗୋଷାଣିନୂଆଗାଁ ସ୍ଥିତି ସ୍ମାର୍ଟ ଶ୍ମଶାନ ପଛଭାଗ ସ୍ଥାନରେ ସ୍ଥାୟୀ କାଞ୍ଜିଆହୁଦା ନିର୍ମିତ କରିବା ପାଇଁ ନିଷ୍ପତ୍ତି ହୋଇଛି। ସେଠାରେ ପ୍ରାୟ ୬୦ଗୋରୁଗାଈଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ବୁଲା କୁକୁର ରହିବାର ବ୍ୟବସ୍ଥା ରହିବ।

ସେହିପରି ପାଗଳ କୁକରଙ୍କୁ ସହର ଉପକଣ୍ଠ ହୁଗୁଳାପଟା ଠାରେ ନବନିର୍ମିତ ଡଗ କେନାଲରେ ରଖିବା ପାଇଁ ବିଏମସି ପକ୍ଷରୁ ବ୍ୟବସ୍ଥା କରାଯିବ। ପ୍ରାଣୀମାନଙ୍କ ପାଇଁ ସହର ବାହାରେ ଏକ ଶ୍ମଶାନ ବା ଆନିମଲ କ୍ରିମେଟୋରିୟମ ମଧ୍ୟ ପ୍ରତିଷ୍ଠା କରାଯିବା ସହିତ ବୁଲା ଗୋରୁଗାଈଙ୍କୁ ଉଠାଇବା ପାଇଁ ଏକ ନୂତନ ଗାଡି କ୍ରୟ କରିବା ନିମନ୍ତେ ନିଗମ ବୈଠକରେ ପ୍ରସ୍ତାବ ଦିଆଯିବ ବୋଲି ମେୟର ସଂଘମିତ୍ରା ଦଳାଇ ସୂଚନା ଦେଇଛନ୍ତି। ବୈଠକରେ ନିଗମର ଉପଆୟୁକ୍ତ ଆଶୀର୍ବାଦ ପରିଡ଼ା, ବ୍ରହ୍ମପୁର ପ୍ରାଣୀ ଚିକିତ୍ସାଳୟ ବିଶେଷଜ୍ଞ ଡଃ. ସତ୍ୟନାରାୟଣ କର, ଡଃ. ସୋମିକ ସ୍ୱାଇଁ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଇଂ. ସୁଶାନ୍ତ ଡୁଙ୍ଗଡୁଙ୍ଗ, କନିଷ୍ଠ ଯନ୍ତ୍ରୀ ଇଂ. ସ୍ମୃତିକା କୁମାରୀ ପାତ୍ର, ବିଦ୍ୟୁତ୍ ସହକାରୀ ଯନ୍ତ୍ରୀ ରଞ୍ଜନ କୁମାର ମିଶ୍ର, ସାନିଟାରୀ ଇନ୍ସପେକ୍ଟର ଏ. ମୁରଲୀ କ୍ରିଷ୍ଣା, ଏସପିସିଏ ତଥା ମହାନଗର ନିଗମ ଏବିସି କମିଟି ସଦସ୍ୟ ଲଲାଟେନ୍ଦୁ ଚୌଧୁରୀଙ୍କ ସମେତ ବିଏମସିର ବହୁ କର୍ମଚାରୀ ଉପସ୍ଥିତ ଥିଲେ।

# ନୀଳକଣ୍ଠନଗର ସରସ୍ୱତୀ ଡିଗ୍ରୀ ବିଦ୍ୟା ମନ୍ଦିରରେ ରସାୟନ ବିଜ୍ଞାନ ସଂକ୍ରାନ୍ତ ଆଲୋଚନାଚକ୍ର



ବ୍ରହ୍ମପୁର,୧୧ ।୧(ସମିସ)

ସରସ୍ୱତୀ ଡିଗ୍ରୀ ବିଦ୍ୟା ମନ୍ଦିର, ନୀଳକଣ୍ଠନଗର ପରିସରରେ ଭୌତିକ ବିଜ୍ଞାନ ବିଭାଗ ଦ୍ୱାରା ପ୍ରାୟୋଜିତ ଏକ ରସାୟନ ବିଜ୍ଞାନ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଅଛି। ଏହି ପରିପ୍ରେକ୍ଷୀରେ ବରିଷ୍ଠ ପ୍ରାଧ୍ୟାପକ ପ୍ରଫେସର ଡ. ସୁରେନ୍ଦ୍ରନାଥ ମହାପାତ୍ର ରସାୟନ ଏବଂ ଭୌତିକ ବିଜ୍ଞାନ ସମ୍ମାନରେ ଅଧ୍ୟୟନରତ ଦୁଇଶହରୁ ଉର୍ଦ୍ଧ୍ୱ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଏକ ଦୀକ୍ଷାନ୍ତ ଅଭିଭାଷଣ ପ୍ରଦାନ କରିଥିଲେ। ବିଶ୍ୱର ବିଶିଷ୍ଟ ବୈଜ୍ଞାନିକ ମାନଙ୍କର ଗବେଷଣା ଏବଂ ସେମାନଙ୍କର ଗବେଷଣା ପ୍ରଣାଳୀ ସମ୍ପର୍କରେ ଗଭୀର ଭାବେ ଅନୁଶୀଳନାତ୍ମକ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଡ. ସୁରେନ୍ଦ୍ରନାଥ ମହାପାତ୍ର ଅନ୍ତର୍ଜାତୀୟ ସ୍ତରରେ ବହୁ ଉପାଧିର ଅଧିକାରୀ ଯଥା ବର୍ତ୍ତମାନ ଆମେରିକାର କଲୋରାଡ଼ସ୍ଥିତ ରେଗିସ୍ ବିଶ୍ୱବିଦ୍ୟାଳୟ ଡ଼େନଭରଠାରେ କାର୍ଯ୍ୟରତ। ଡ. ମହାପାତ୍ର ଅଷ୍ଟ୍ରେଲିଆ, ଇଂଲଣ୍ଡ ପରି ଅନେକ ଦେଶର ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟରେ ନିଜର ଉଚ୍ଚକୋଟିର ପ୍ରାଧ୍ୟାପନା ଏବଂ ଗବେଷଣା କରି ବହୁ ସୁନାମ ଅର୍ଜନ କରିଛନ୍ତି। ଏହି ଆଲୋଚନା ଚକ୍ରରେ ଅବସରପ୍ରାପ୍ତ ପ୍ରଧ୍ୟାପକ ଡ. ରାଧାଶ୍ୟାମ ପଣ୍ଡା ଏବଂ ରସାୟନ ବିଜ୍ଞାନୀ ଡ. ଚକ୍ରପାଣି ପଟ୍ଟନାୟକ ଉପସ୍ଥିତ ରହି ସମସ୍ତ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଡିନ୍ ପ୍ରଫେସର ବିବେକାନନ୍ଦ ପଣ୍ଡା, ପ୍ରଫେସର ଉମେଶ ସାହୁ, ପ୍ରଫେସର ଡି. ରାଜେନ୍ଦ୍ର ମୂର୍ତ୍ତି ଏବଂ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକାମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁବ୍ରତ କୁମାର ପାଣିଗ୍ରାହୀ ପୌରହିତ୍ୟ କରିବା ସହ ପରିଚାଳନା ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉପାଧ୍ୟକ୍ଷ ଡ. ଚିତରଞ୍ଜନ ପଣ୍ଡା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଏହିପରି ଏକ ଶୈକ୍ଷଣୀୟ କାର୍ଯ୍ୟକ୍ରମକୁ ଆୟୋଜନ କରାଯାଇଥିବାରୁ ଅନୁଷ୍ଠାନ ପରିଚାଳନା ସମିତି ଦ୍ୱାରା ସମସ୍ତଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଅଛି।

# ବିନାୟକ ଆଚାର୍ଯ୍ୟ କଲେଜରେ ପାଠଚକ୍ର

ବ୍ରହ୍ମପୁର,୧୧ ।୧(ସମିସ): ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟରେ ଇତିହାସ ବିଭାଗ ପକ୍ଷରୁ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଉପଲକ୍ଷେ ପାଠଚକ୍ର ଆଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ.ପ୍ରମିଳା ଖାଡ଼ଙ୍ଗା ଯୁବପିଢ଼ିର କର୍ତ୍ତବ୍ୟ, ଶୃଙ୍ଖଳା ଓ ଦାୟିତ୍ୱ ବିଷୟରେ ବୁଝାଇଥିଲେ। ବିଭାଗୀୟ ମୁଖ୍ୟ ଡ.ଅନିତା ପାଢ଼ୀ ସମାଜରେ ଯୁବପିଢ଼ିଙ୍କ ଭୂମିକା ବିଷୟରେ ମତପ୍ରଦାନ କରିଥିଲେ। ବିଭାଗର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ରହି ସମାଜରେ ଏକ ଆଦର୍ଶ ନାଗରିକ ରୂପେ ବନିବାକୁ ପରାମର୍ଶ ଦେଇଥିଲେ। ରୋଜାଲିନ ଷଡ଼ଙ୍ଗୀ, ନିଳାଞ୍ଚଳ ବେହେରା, ଟି.ଗଣେଷ, ଶ୍ରେୟା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

**● ପୂର୍ବତନ ବିଧାୟକଙ୍କ ଡ୍ରାଇଭର୍‌ଙ୍କୁ ଆକ୍ରମଣ**

# ଆଉ ଜଣେ ଫେରାର ଅଭିଯୁକ୍ତ ଗିରଫ

ବ୍ରହ୍ମପୁର,୧୧ ।୧(ସମିସ): ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଆଙ୍କୁଲି ଶଶୀଭୂଷଣ ନଗର ନିବାସୀ ତଥା ବ୍ରହ୍ମପୁରର ପୂର୍ବତନ ବିଧାୟକଙ୍କ ଡ୍ରାଇଭର ରାମଚନ୍ଦ୍ର ଶୁକ୍ଳଙ୍କୁ ଖଣ୍ଡାରେ ଆକ୍ରମଣ ଘଟଣାରେ ଫେରାର ଥିବା ଆଉ ଜଣେ ଅଭିଯୁକ୍ତକୁ ବୈଦ୍ୟନାଥପୁର ଥାନା ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ନିମଖଣ୍ଡି ଥାନା ଅଧିନ ବୁରୁକୁଦି ଗ୍ରାମର ସ୍ୱରାଜ ବିଷୋୟୀ(୨୭)। ଗିରଫ ସଂଖ୍ୟା ବର୍ତ୍ତମାନ ଦୁଇକୁ ବୃଦ୍ଧି ହୋଇଛି। ଏହି ଘଟଣାରେ ପୂର୍ବରୁ ଗଜପତି ନଗର ଅଞ୍ଚଳର ରୋହନ ନାୟକ ଗିରଫ ହୋଇଥିଲେ। ଏହି ଘଟଣାରେ ସଂପୃକ୍ତ ଆଉ ଜଣେ ଦୁର୍ଦ୍ଦାନ୍ତ ଅପରାଧୀ ଏଯାବତ ଫେରାର ରହିଥିବା ଜଣାପଡ଼ିଛି। ପୁଲିସ ସେହି ଦୁର୍ଦ୍ଦାନ୍ତ ଅପରାଧୀକୁ ଧରିବା ପାଇଁ ପ୍ରୟାସ ଜାରି ରଖିଛି। ସୂଚନାଯୋଗ୍ୟ ଯେ, ରାମଚନ୍ଦ୍ର ଶୁକ୍ଳ ବ୍ରହ୍ମପୁରର ପୂର୍ବତନ ବିଧାୟକଙ୍କ ଡ୍ରାଇଭର ଭାବେ କାର୍ଯ୍ୟରତ। ଗତ ଅକ୍ଟୋବର ୨୪ତାରିଖ ବିଳମ୍ବିତ ରାତିରେ ସେ ଘରକୁ ଫେରୁଥିବା ବେଳେ ଇଞ୍ଜିନିୟର ସ୍କୁଲ ଛକରୁ ଆଙ୍କୁଲି ବ୍ରିଜ ଯିବା ରାସ୍ତାରେ ରାମ ଶୁକ୍ଳଙ୍କୁ ୪ଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇ ଖଣ୍ଡାରେ ଆକ୍ରମଣ କରିଥିଲେ। ଆକ୍ରମଣରେ ରାମ ଆହତ ହୋଇ ବ୍ରହ୍ମପୁର ଏମକେସିଜି ମେଡ଼ିକାଲରେ ଭର୍ତ୍ତି ହୋଥିଲେ। ପରେ ଘଟଣାକୁ ନେଇ ଥାନାରେ ଅଭିଯୋଗ କରିଥିଲେ।

# ପାଚେରି ଭାଙ୍ଗିଲେ; ଯୁବକଙ୍କୁ ଆକ୍ରମଣ କଲେ

ବ୍ରହ୍ମପୁର,୧୧ ।୧(ସମିସ): ଗୋପାଳପୁର ସମୁଦ୍ର ନିକଟସ୍ଥ ଏକ ପାର୍କ ନିକଟରେ ଜଣେ ଯୁବକ ଓ ତାଙ୍କ ସହିତ କାମ କରୁଥିବା କିଛି ମୁଲିଆଙ୍କୁ ଆକ୍ରମଣ ହୋଇଛି ବୋଲି ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ବିଜିପୁର ଅମ୍ବିକାନଗର ନିବାସୀ ନନ୍ଦିନୀ ପ୍ରଧାନଙ୍କ ସ୍ୱାମୀ ଲକ୍ଷ୍ମୀ ନାରାୟଣ ପ୍ରଧାନଙ୍କ ଗୋପାଳପୁର ସମୁଦ୍ର ନିକଟ ପାର୍କଠାରେ ୨୦୧୭ମସିହାଠାରୁ ତାଙ୍କ ନାମରେ ଏକ ଜମି ରହିଛି। ଉକ୍ତ ଜମିରେ ଗୃହ ନିର୍ମାଣ କରିବା ପାଇଁ ସେ ଚତୁଃଦିଗରେ ପାଚେରି କରୁଥିଲେ। ଗତ ୮ ଓ ୯ତାରିଖ ଅପରାହ୍ନ ସମୟରେ ୧୫ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଉକ୍ତ ଜମି ନିଟକଟୁ ଆସି କୋଡ ଏବଂ ଶାବଳରେ ତାଙ୍କ ପାଚେରି ଭାଙ୍ଗିଥିଲେ। ପ୍ରତିବାଦ କରିବାକୁ ଲକ୍ଷ୍ମୀ ନାରାୟଣ ଓ କାମ କରୁଥିବା ମୂଲିଆଙ୍କୁ ଆକ୍ରମଣ କରିଥିଲେ। ରାତିରେ ଜମା ରଖିଥିବା ବାଲି, ଗୁଡ଼ି ଓ ପଥର ଖଣ୍ଡ ରାତାରାତି ନେଇଥିବା ତାଙ୍କ ସ୍ତ୍ରୀ ଗୋପାଳପୁର ଥାନାରେ ଦେଇଥିବା ଅଭିଯୋଗରେ ଉଲ୍ଲେଖ ରହିଛି।

# ଏସ୍‌ଡିଜେଏମଙ୍କୁ ବିଦାୟ ସମ୍ବର୍ଦ୍ଧନା

ବ୍ରହ୍ମପୁର,୧୧ ।୧(ସମିସ): ବ୍ରହ୍ମପୁର ଏସଡିଜେଏମ ପ୍ରଜ୍ଞା ପରମିତା ପତିହାରୀଙ୍କର ଇତି ମଧ୍ୟରେ ସୋନପୁର କୋର୍ଟର ରେଜିଷ୍ଟ୍ରାର ଭାବେ ବଦଳି ହୋଇଛି। ଏହି ପରିପ୍ରେକ୍ଷୀରେ ତାଙ୍କୁ ଗଞ୍ଜାମ ଓକିଲ ସଂଘ ପକ୍ଷରୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ସଂଘର ସଭାପତି ନୟନ ଚନ୍ଦ୍ର ମହାପାତ୍ର, ସମ୍ପାଦକ ବିରଞ୍ଚି ନାରାୟଣ ମହାପାତ୍ରଙ୍କ ସମେତ ବହୁ ବରିଷ୍ଠ ଆଇନଜୀବୀ ଏସଡିଜେଏମଙ୍କ ଅଦାଲତରେ ପହଞ୍ଚି ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ବିଦାୟକାଳୀନ ସମ୍ବର୍ଦ୍ଧନା ଜଣାଇଥିଲେ। ପ୍ରକାଶ ଥାଉକି, କେନ୍ଦ୍ରାପଡା ସଦର ଏସଡିଜେଏମ ଭାବେ କାର୍ଯ୍ୟରତ କୁମାର ସ୍ୱନ୍ଦନଙ୍କର ବ୍ରହ୍ମପୁର ଏସଡିଜେଏମ ଭାବେ ବଦଳି ହୋଇଛି। ଆସନ୍ତା ୧୩ତାରିଖରେ ଶ୍ରୀଯୁକ୍ତ କୁମାର ଏଠାରେ ଯୋଗଦେବେ ବୋଲି ସୂଚନା ମିଳିଛି।



# ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ବୃତ୍ତିଗତ କର୍ମଶାଳା

ବ୍ରହ୍ମପୁର,୧୧ ।୧(ସମିସ)

ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ଛାତ୍ରଛାତ୍ରୀଙ୍କ ନିମନ୍ତେ ବୃତ୍ତିଗତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ପ୍ରେରଣାରେ ଅନୁଷ୍ଠିତ ବୃତ୍ତିଗତ କର୍ମଶାଳାକୁ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷା ପ୍ରଫେସର ପଦ୍ମିନୀ ସାହୁ, ବିଭାଗ ମୁଖ୍ୟ ଡ. ପ୍ରଣତି ରଥ ପୌରହିତ୍ୟ କରିଥିଲେ। ବିଭିନ୍ନ କ୍ଷେତ୍ରରେ ପାରିଦର୍ଶିତା ଅର୍ଜନ କରିଥିବା ବ୍ୟକ୍ତି ବିଶେଷ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ।

କେନ୍ଦ୍ର ସରକାରଙ୍କ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଉଦ୍ୟୋଗରେ ବିଭିନ୍ନ ପଦବୀରେ ବିଭିନ୍ନ ସମୟରେ ଅଧିଷ୍ଠିତ ଥିବା ସମ୍ପ୍ରତି ସୁଗନ୍ଧ ଭିତ୍ତିକ ଶିଳ୍ପର ବୈଷୟିକ ପରାମର୍ଶ କେନ୍ଦ୍ରର ଅଧ୍ୟକ୍ଷ ଭାବେ ଅବସ୍ଥାପିତ ଡ. ଭିଭି ରାମାରାଓ, କେନ୍ଦ୍ର ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟର ଶିକ୍ଷା ଅଧିକାରୀ ଡ. ରାଜେନ୍ଦ୍ର ପ୍ରସାଦ ପାଢ଼ୀ, ଜାଭିୟର୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମ୍ୟାନେଜମେଣ୍ଟର ଅଧ୍ୟାପକ ଡ. ଆଶିଷ କୁମାର ଦ୍ୱିବେଦୀ, ଫେରୋକ୍ରୋମ କାରଖାନାର ମୁଖ୍ୟ ଡ. ଏ. ରାମବାବୁ, ସିଏସ୍ ଆର୍ ଫୋରମ୍‌ର ଯୁଗ୍ମ ଆବାହକ ସୁକାନ୍ତ କୁମାର ପଟ୍ଟନାୟକ ପ୍ରମୁଖ ବିଭିନ୍ନ କ୍ଷେତ୍ରରେ ପଦାର୍ଥ ବିଜ୍ଞାନର ଛାତ୍ରଛାତ୍ରୀଙ୍କ ନିମନ୍ତେ ବୃତ୍ତିଗତ ସମ୍ଭାବନାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ବିଭାଗ ମୁଖ୍ୟ ଡ. ରଥ ଅତିଥିଙ୍କୁ ସ୍ୱାଗତ, ପ୍ରଫେସର ଲକ୍ଷ୍ମୀକାନ୍ତ ତ୍ରିପାଠୀ, ପ୍ରଫେସର ପ୍ରବୀଣ କୁମାର ନନ୍ଦ ଅତିଥିଙ୍କୁ ସମ୍ବର୍ଦ୍ଧନା, ପ୍ରୀତି ଦାସ ଧନ୍ୟବାଦ ଦେଇଥିଲେ। ଅଧ୍ୟାପକ ଡ. ସମ୍ବିତ ରଞ୍ଜନ ମିଶ୍ର ଓ ଡ. ନୀଳିମା ପ୍ରିୟଦର୍ଶିନୀ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଅର୍ଦ୍ଧନିର୍ମିତ ଘରୁ ବୋମା ଜବତ; ସହଯୋଗୀ ଗିରଫ

ବ୍ରହ୍ମପୁର,୧୧ ।୧(ସମିସ)



(ଫାଇଲ ଫଟୋ)

- ଚିହ୍ନଟ ହୋଇଛନ୍ତି ସମସ୍ତ ଅଭିଯୁକ୍ତ; ମୁଖ୍ୟ ଅଭିଯୁକ୍ତ ସମେତ ୫ଫେରାର
- ଜବତ ବୋମା ପଛରେ ସୁପାରୀ ଡିଲ ହୋଇଥିବା ନେଇ ସନ୍ଦେହ ଘନୀଭୂତ
- ଗିରଫ ଅଭିଯୁକ୍ତ ସ୍ୱରାଜକୁ ରିମାଣ୍ଡରେ ନେବ ପୁଲିସ

ବୈଦ୍ୟନାଥପୁର ଥାନା ପୁଲିସ ଖଜୁରିଆ ଜାତୀୟ ରାଜପଥ ନିକଟସ୍ଥ ଏକ ଅର୍ଦ୍ଧନିର୍ମିତ ଘରୁ ବୋମା ଭର୍ତ୍ତି ବ୍ୟାଗ ଜବତ କରିଛି। ଜବତ ବ୍ୟାଗରେ ୭ଟି ବୋମା ଥିବାବେଳେ ପୁଲିସ ସମସ୍ତ ବୋମାକୁ ନିଷ୍କ୍ରିୟ କରିଛି। ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ନିମଖଣ୍ଡି ଥାନା ଅନ୍ତର୍ଗତ ବୁରୁକୁଦି ଗ୍ରାମର ସ୍ୱରାଜ ବିଷୋୟୀ (୨୭)କୁ ପୁଲିସ ଗିରଫ କରିଛି। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ସମେତ ସମ୍ପୃକ୍ତ ଅନ୍ୟ ୫ଜଣ ଅଭିଯୁକ୍ତ ଏଯାବତ ଫେରାର ରହିଥିବା ପୁଲିସ କହିଛି। ସ୍ୱରାଜ ପୂର୍ବରୁ ଏକ ହତ୍ୟା ଉଦ୍ୟମ ମାମଲାରେ ସମ୍ପୃକ୍ତ ରହି ଫେରାର ଥିଲା। ଶନିବାର ଅଭିଯୁକ୍ତ ସ୍ୱରାଜକୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ତାକୁ ରିମାଣ୍ଡ ଲଗାଇବା ସହିତ ଆବଶ୍ୟକ ସ୍ଥଳେ ରିମାଣ୍ଡରେ ନେଇ ଅଧିକ ତଥ୍ୟ ଓଗାଳିବାକୁ ପୁଲିସର ଯୋଜନା ରହିଥିବା କହିଛନ୍ତି ଥାନା ଅଧିକାରୀ ସୁଚିତ୍ରା ପରିଡ଼ା। ସୂଚନାଯୋଗ୍ୟ ଯେ, କିଛିଦିନ ଧରି ସହରରେ ଲୁଟ ଓ ଚୋରି ଘଟଣା ବୃଦ୍ଧି ପାଇବାରେ ଲାଗିଛି। ଜାତୀୟ ରାଜପଥରେ ଲୁଟେରା ଗ୍ୟାଙ୍ଗ ଓ ଅପରାଧୀ ଗ୍ୟାଙ୍ଗ ସକ୍ରିୟ ହୋଇ ମଦ୍ୟପାନ କରି ଆଡ୍ଡା ଜମାଉଛନ୍ତି। ଯାହାକୁ ଦୃଷ୍ଟିରେ ରଖି ଶନିବାର ରାତିରେ ବ୍ରହ୍ମପୁର ପୁଲିସ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ପେଟ୍ରୋଲିଂକୁ ତ୍ୱରାନ୍ୱିତ କରାଯାଇଥିଲା। ଏହି ସମୟରେ ଖଜୁରିଆ ନିକଟସ୍ଥ ଏକ ଅର୍ଦ୍ଧନିର୍ମିତ ଘରେ କିଛି ଅସାମାଜିକ ବ୍ୟକ୍ତି ଆଡ୍ଡା ଜମାଇ କିଛି ଯୋଜନା କରୁଥିବା ପୁଲିସ ଖବର ପାଇଥିଲା। ଉକ୍ତ ସ୍ଥାନରେ ଅତର୍କିତ ଚଢଉ କରିବା ବେଳେ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଉକ୍ତ ଘରର ସିଡିରେ ସେମାନେ ଛାଡି ଚାଲିଯାଇଥିବା ଏକ ବ୍ୟାଗକୁ ଯାଞ୍ଚବେଳେ ପୁଲିସ ବ୍ୟାଗରେ ଥିବା ୭ଟି ବୋମାକୁ ଜବତ କରିଥିଲା। ବୋମାକୁ ନିଷ୍କ୍ରିୟ କରିବା ପାଇଁ ଫୁଲବାଣୀରୁ ବୋମା ନିଷ୍କ୍ରିୟକାରୀ ଟିମ ଆସିଥିଲେ ହେଁ ସେମାନେ ବିଫଳ ହୋଇଥିଲେ। ପରେ ଶନିବାର ସକାଳୁ ବ୍ରହ୍ମପୁର ପୁଲିସର ବୋମା ନିଷ୍କ୍ରିୟକାରୀ ଟିମ ପହଞ୍ଚି ବେଶ ସାବଧାନତାର ସହ ସମସ୍ତ ୭ଟି ବୋମାକୁ ନିଷ୍କ୍ରିୟ କରିଥିଲେ। ଏହି ଘଟଣାରେ ପୁଲିସ ସ୍ୱରାଜକୁ କାବୁ କରି ସମସ୍ତ ଅଭିଯୁକ୍ତଙ୍କ ନାମ ଓଗାଳି ପାରିଛି। ସ୍ୱରାଜ ଠାରୁ ମିଳିଥିବା ତଥ୍ୟ ଅନୁସାରେ ପୁଲିସ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବ ବୋଲି ଜଣାପଡ଼ିଛି। ତେବେ ଉକ୍ତ ଅପରାଧୀ ଗ୍ୟାଙ୍ଗ କାହା ଛାତ୍ରଛାୟା ତଳେ କାର୍ଯ୍ୟକରୁଛନ୍ତି ଓ ସେମାନଙ୍କର ଯୋଜନା କଣ ଥିଲା ସେନେଇ କିଛି ସ୍ପଷ୍ଟ ହୋଇପାରିନାହିଁ। ବ୍ରହ୍ମପୁର ସାଂସଦଙ୍କ ଫାର୍ମ ହାଉସ ଆଖପାଖ ଅଞ୍ଚଳରୁ ବୋମା ଜବତ ହେବା ନେଇ ବିଭିନ୍ନ ପ୍ରଶ୍ନ ଉଙ୍କି ମାରୁଛି। ଘଟଣାରେ ପଛରେ ରାଜନୈତିକ ଅଭିସନ୍ଧି ଅଥବା ସୁପାରୀ ଡିଲ କିଛି ହୋଇଥିଲାକି ଏଭଳି ପ୍ରଶ୍ନକୁ ନେଇ ମଧ୍ୟ ଚର୍ଚ୍ଚା ଜୋର ଧରିଛି। ଅପରାଧୀଙ୍କୁ ବୋମା କିଏ ଯୋଗାଇଲା, କେଉଁଠୁ ଆସିଲା ବୋମା। ପୁରୁଣା ଅପରାଧୀଙ୍କ ରହିଛି କି ଏଥିରେ ସମ୍ପୃକ୍ତି। ସେହିଭଳି ଫୁଲଟା ଗ୍ରାମର ଏକାଧିକ ଲୋକ ବୋମା ପ୍ରସ୍ତୁତ ପାଇଁ ଜେଲ ଯାଇଥିବା ବେଳେ ଏବେ ବୁରୁକୁଦି ଗ୍ରାମର ସ୍ୱରାଜର ବୋମା ଜବତ ମାମଲାରେ ସମ୍ପୃକ୍ତିକୁ ନେଇ ବିଭିନ୍ନ ମହଲରେ ଭିନ୍ନଭିନ୍ନ ମତ ପ୍ରକାଶ ପାଉଛି। ତେବେ ଏକ ବଡ ଧରଣର ଅଘଟଣକୁ ରୋକିବାରେ ପୁଲିସ ସଫଳ ହୋଇଥିବା ନେଇ କହିଛନ୍ତି ବ୍ରହ୍ମପୁର ଏସପି ଡ଼ା ସର୍ବଣା ବିବେକ ଏମ। ବୋମା ଜବତ ଘଟଣାରେ ସମସ୍ତ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇଛି। ଏବଂ ସମଗ୍ର ବ୍ରହ୍ମପୁର ପୁଲିସ ଜିଲ୍ଲାରେ ପେଟ୍ରୋଲିଂକୁ କଡ଼ାକଡ଼ି କରାଯାଇଛି। ବିଶେଷ କରି ବ୍ରହ୍ମପୁର ସହରର ବିଭିନ୍ନ ଗଳିକନ୍ଦିରେ ମଧ୍ୟ ପେଟ୍ରୋଲିଂକୁ ଜୋରଦାର କରାଯାଇଛି। ଫେରାର ଅଭିଯୁକ୍ତଙ୍କୁ ଗିରଫ କରିବା ପରେ ହିଁ ଘଟଣାକୁ ନେଇ ରହିଥିବା ବିଭିନ୍ନ ସନ୍ଦେହ ଦୂର ହୋଇପାରିବ।



# ନାତିର କାଠ ଫାଳିଆ ମାଡ଼ରେ ଜେଜେମାଆ ମୃତ

**ଛତ୍ରପୁର,୧୧।୧(ସମିସ):** ଛତ୍ରପୁର ଥାନା ଅଧିନ ବଳରାମପୁର ଗ୍ରାମରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ନାତିର କାଠ ଫାଳିଆ ମାଡ଼ରେ ଜେଜେମା'ଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଚନ୍ଦ୍ରମା ନାହାକ(୭୦)। ନାତି ଶନିବାର ସକାଳୁ କୌଣସି ଏକ କାରଣକୁ ନେଇ ଜେଜେମା'ଙ୍କ ମୁଣ୍ଡକୁ କାଠ ଫାଳିଆରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବ୍ରହ୍ମପୁର ମେଡିକାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ମୃତଦେହ ଜବତ କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଜାରିରଖିଛି। ମୃତ ଚନ୍ଦ୍ରମାଙ୍କ ପୁଅ ରାଜ୍ୟ ବାହାରେ ରହୁଥିବା ଜଣାପଡ଼ିଛି।

# ଘୋଡ଼ାହାଡ଼ ନଦୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ସାନଖେମୁଣ୍ଡି,୧୧।୧(ସମିସ):** ଗଞ୍ଜାମ ଜିଲ୍ଲା ପାଟପୁର ଥାନା ମହାନଳା ଗ୍ରାମ ନିକଟ ଘୋଡ଼ାହାଡ଼ ନଦୀରୁ ଶନିବାର ପାଟପୁର ପୁଲିସ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ମୃତକ ହେଲେ ମହାନଳା ଗ୍ରାମର କୈବଲ୍ୟ ନାଇକ। ଶନିବାର ପୂର୍ବାହ୍ନରେ ଗ୍ରାମ ନିକଟ ଘୋଡ଼ାହାଡ଼ ନଦୀକୁ ଗାଧୋଇବାକୁ ଯାଇଥିବାବେଳେ ଅସାବଧାନତା କାରଣରୁ ନଦୀ ଭିତରକୁ ଚାଲିଯାଇଥିଲେ। କିନ୍ତୁ ବାହାରି ପାରିନଥିଲେ। ନଦୀରେ ଗାଧୋଉଥିବା ଲୋକ ମାନେ ତାଙ୍କୁ ଉଦ୍ଧାର କରିବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ପାରିନଥିଲେ। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି କୈବଲ୍ୟଙ୍କୁ ମୃତାବସ୍ଥାରେ ଉଦ୍ଧାର କରିଥିଲେ। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

# ଋଷିକୂଲ୍ୟା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

**ସୋରଡ଼ା,୧୧।୧(ସମିସ):** ସ୍ଥାନୀୟ ଋଷିକୁଲ୍ୟା ସ୍ନାତକ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ରମେଶ ଚନ୍ଦ୍ର ପାଢୀଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ନୀଳମଣି ବିଷୋୟୀ, ମୁଖ୍ୟବକ୍ତା ଭାବେ ପୁରୁଷୋତ୍ତମପୁର ତାରାତାରିଣୀ ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଡ଼ ପ୍ରବୀର କେଶରୀ ପ୍ରଧାନ, ସମ୍ମାନିତ ଅତିଥି ଭାବେ ପାଟପୁର ବିଶ୍ୱାସରାୟ ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫୁଲ୍ଲ ଚନ୍ଦ୍ର ମହାରଣା,



ମହାବିଦ୍ୟାଳୟର ପ୍ରାକ୍ତନ ସଭାପତି ଶିବ ପ୍ରସାଦ ଦାସ, ସ୍ଥାନୀୟ ଏନଏସି ଅଧ୍ୟକ୍ଷ ଶିବ ଶଙ୍କର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଆ ଅଧ୍ୟାପକ ସୁଧାଂଶୁ ଶେଖର ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପରିଚାଳନା ଦାୟିତ୍ୱରେ ରହିଥିଲେ ଅଧ୍ୟାପକ ଡ଼ ହୃଷୀକେଶ ମିଶ୍ର। ଋଷିକୂଲ୍ୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପିସିଏମ ମହିଳା ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ଅତିଥି ଭାବେ ଯୋଗଦେଇଥିବା ବେଳେ ଅଧ୍ୟାପିକା ସିପ୍ରା ପାତ୍ର, ଅଧ୍ୟାପକ ପ୍ରଦୀପ କୁମାର ସ୍ୱାଇଁ, ତପନ କୁମାର ସାହୁ ପ୍ରମୁଖଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ସନ୍‌ସାଇନ୍ ଇଣ୍ଟର୍‌ନ୍ୟାସନାଲ୍ ସ୍କୁଲରେ ଖାଦ୍ୟମେଳା

**ପୁରୁଷୋତ୍ତମପୁର,୧୧।୧(ସମିସ):** ପୁରୁଷୋତ୍ତମପୁର ସହର ସ୍ଥିତ ସନ୍‌ସାଇନ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ ପରିସରରେ ଶନିବାର କୌତିକିଆ ଖାଦ୍ୟ ମେଳା ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ସୁନିଲ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି ପ୍ରଫୁଲ୍ଲ କୁମାର ରଥ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି



ଏ ରାଜଗୋପାଳ ରାଓ ପ୍ରମୁଖ ଯୋଗ ଦେଇ ମେଳାକୁ ଉଦଘାଟନ କରିଥିଲେ। ବିଭିନ୍ନ ଖେଳନା ସାମଗ୍ରୀ ଓ ଖାଦ୍ୟର ଷ୍ଟଲ ଖୋଲା ଯାଇଥିବାବେଳେ ଅଭିଭାବକ ଓ ଛାତ୍ରଛାତ୍ରୀ ମାନେ ସମସ୍ତ ଖାଦ୍ୟ କୁପନ ମାଧ୍ୟମରେ କିଣିଥିଲେ। ସେଥିରୁ ଯାହା ଲାଭ ହେବ ସେହି ଲାଭାଂଶକୁ ସ୍କୁଲକୁ ଦାନ କରିଥାନ୍ତି। ସେହି ଲାଭାଂଶରେ ତିନିଗୁଣ ସ୍କୁଲର ସମସ୍ତ କର୍ମଚାରୀ ଓ ଅବିଭାବକମାନେ ମିଶାଇ କୌଣସି ବୃଦ୍ଧାଶ୍ରମ ଓ ଅନାଥଶ୍ରମକୁ ଦାନ କରାଯିବ ବୋଲି ଅଧ୍ୟକ୍ଷ କହିଛନ୍ତି। ଏଭଳି ୧୦ ବର୍ଷ ହେଲା ପ୍ରଦାନ କରାଯାଉଛି। ସ୍କୁଲ ପରିସରରେ ଆୟୋଜିତ ବିଭିନ୍ନ ଇଭେଣ୍ଟରେ ଅଭିଭାବକ ମାନେ ଭାଗ ନେଇ ଉତ୍ସବରେ ମଜା ଉଠାଇଥିଲେ। କୃତୀ ଅବିଭାବକ ମାନଙ୍କୁ ଶେଷରେ ବିଦ୍ୟାଳୟର ପକ୍ଷରୁ ପୁରସ୍କୃତ କରିଥିଲେ। ମେଳାକୁ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ସରକାରୀ ମଣ୍ଡିରେ ଅବ୍ୟବସ୍ଥା

# ଶୀତ କାକରରେ ଚାଷୀ ଜଗିଛନ୍ତି ଧାନବସ୍ତା

**ଆସିକା,୧୧।୧(ସମିସ):** ଗଞ୍ଜାମ ଜିଲ୍ଲାରେ ଗତ ୩ ତାରିଖ ଠାରୁ ବିଭିନ୍ନ ବ୍ଲକରେ ଧାନ ମଣ୍ଡି ଖୋଲା ଯାଇଥିଲେ ମଧ୍ୟ ଆଜି ଯାଏଁ ଧାନ ମଣ୍ଡିକୁ ଧାନ ଦେଇ ନାହାନ୍ତି ଚାଷୀ ମାନେ। ଗୋଟିଏ ପଟେ ଲଘୁଚାପ ଜନିତ ଲଗାଣ ବର୍ଷା ଚାଷୀର ମେରୁଦଣ୍ଡ ଭାଙ୍ଗି ଯାଇଥିବାବେଳେ ଅନ୍ୟପଟେ ବଳକା ଧାନକୁ ଚାଷୀ କ୍ଷେତରୁ ଆଣି ଶୁଖାଇ ବସ୍ତା ବାନ୍ଧି କିଏ ଖଳାରେ ଆଉ କିଏ ଜମିରେ ବସ୍ତା ବାନ୍ଧି ଧାନ ବସ୍ତାକୁ ସୁରକ୍ଷିତ ଭାବେ ଜଗି ରହିଛନ୍ତି। ଏମିତିକି ଅମଳ ଧାନ ବସ୍ତାକୁ ଶୀତୁଆ ରାତିର କାକରରେ ପାଳି ପାଳି ଜଗି ରହିଛନ୍ତି ଚାଷୀ। ଏମିତି ଶୀତୁଆ ରାତିରେ ଅମଳ ବସ୍ତା ଧାନକୁ ଜମିରେ ଜଗି ରହିଥିବା ଆସିକା ବାବନପୁର



ଅଞ୍ଚଳର କିଛି ଚାଷୀ ଧାନକୁ ଜମିରେ ରଖି ଦିନ ରାତି ପାଳି କରି ଜଗୁଛନ୍ତି। ପୂର୍ବରୁ ଧାନ ମଣ୍ଡି ସଠିକ ସମୟରେ ଖୋଲା ଯାଇ ଚାଷୀ ମାନେ ମଣ୍ଡିକୁ ଧାନ ଦେଇ ଠିକ ପ୍ରାପ୍ୟ ପାଇ ପାରୁଥିଲେ ଚାଷୀ। କିନ୍ତୁ ଚଳିତ ବର୍ଷ ଆଜି ଯାଏଁ ଧାନ ମଣ୍ଡିକୁ ଧାନ ଯାଇ ନଥିବା ଯୋଗୁଁ ଚାଷୀଙ୍କ ଚିନ୍ତା ବଢ଼ିଛି।

# ମାନସିକ ଭିନ୍ନକ୍ଷମଙ୍କ ମୃତଦେହ ଉଦ୍ଧାର

## ସୋସିଆଲ୍ ମିଡିଆରୁ ମିଳିଲା ମୃତକଙ୍କ ପରିଚୟ

**ଦିଗପହଣ୍ଡି,୧୧।୧(ସମିସ):** ଦିଗପହଣ୍ଡି ପୁଲିସ ଶନିବାର ସକାଳେ ଗଣିଆନାଳ ଛକ ନିକଟସ୍ଥ ସିଦ୍ଧେଶ୍ୱର ଆଦର୍ଶ ବିଦ୍ୟାଳୟ ଯାତ୍ରୀ ବିଶ୍ରାମାଗାରରୁ ଜଣେ ମାନସିକ ଭିନ୍ନକ୍ଷମଙ୍କ ମୃତଦେହ ଉଦ୍ଧାର କରିଛି। ମୃତକ ହେଲେ ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଲାଞ୍ଜିପଲ୍ଲୀ ରଘୁନାଥ ମଠ ସାହିର ସୁବାସ କୁମାର ଚୌଧୁରୀ(୫୦)। ପ୍ରଥମେ ମୃତକଙ୍କ ପରିଚୟ ଜଣାପଡି ନ ଥିଲା। ସୋସିଆଲ ମିଡ଼ିଆରେ ମୃତକଙ୍କ ଫୋଟ ପ୍ରସାରିତ ହେବାପରେ ବ୍ରହ୍ମପୁରର ଜଣେ ସାମ୍ବାଦିକ ଫଟୋ ଦେଖି ତାଙ୍କ ପରିଚୟ ସମ୍ପର୍କରେ ଦିଗପହଣ୍ଡି ଥାନାକୁ ଜଣାଇଥିଲେ। ଆଇଆଇସି ପ୍ରଶାନ୍ତ କୁମାର ପାତ୍ରଙ୍କ ନିର୍ଦ୍ଦେଶକ୍ରମେ ଥାନା ଏସଆଇ ସୋଫିଆ ମିଶ୍ର ସଦଳବଳେ ବ୍ରହ୍ମପୁର ଲାଞ୍ଜିପଲ୍ଲୀ ଅଞ୍ଚଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହଯୋଗରେ ଅପରିଚିତ ବ୍ୟକ୍ତିଙ୍କ ପରିବାର ଲୋକଙ୍କୁ ଭେଟି ତାଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲେ। ପୁଲିସ ଥାନା ଅପମୃତ୍ୟୁ ମାମଲା ନଂ.୩/୨୫ ଅନୁଯାୟୀ ମୃତଦେହକୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସୁବାସ ଦୀର୍ଘଦିନ ଧରି ମାନସିକ ବିକୃତ ଭାବେ ବିଭିନ୍ନ ଅଞ୍ଚଳରେ ବୁଲୁଥିଲେ। ଲୋକେ ଯାହାଦେଲେ ଖାଉଥିଲେ। କିଛିଦିନ ହେଲା ସେ ଉକ୍ତ ବିଶ୍ରାମାଗାରରେ ରହି ଆସୁଥିଲେ ବୋଲି ଗଣିଆନାଳ ଛକର ବ୍ୟବସାୟୀ ମାନେ କହିଛନ୍ତି। ବିଶ୍ରାମାଗାର ନିକଟରେ ଉଠାଦୋକାନ କରିଥିବା ଜଣେ ବ୍ୟବସାୟୀ ମୃତଦେହକୁ ପ୍ରଥମେ ଦେଖି ପୁଲିସକୁ ସୂଚନା ଦେଇଥିଲେ। ତେବେ ଅତ୍ୟଧିକ ଥଣ୍ଡାରୁ ତାଙ୍କ ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି।

# ଆତ୍ମ ସୁରକ୍ଷା ତାଲିମ ଶିବିର




**ସାନଖେମୁଣ୍ଡି,୧୧।୧(ସମିସ):** ପାଟପୁର ସ୍ଥିତ ବିଶ୍ୱାସରାୟ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଉଦଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫୁଲ୍ଲ ଚନ୍ଦ୍ର ମହାରଣା ପ୍ରଦୀପ ପ୍ରଜ୍ଜଳନକରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଉଦଘାଟନୀ କାର୍ଯ୍ୟକ୍ରମରେ ରସାୟନ ବିଜ୍ଞାନ ଅଧ୍ୟାପକ ଡ. କୈଳାସ ଚନ୍ଦ୍ର ସ୍ୱାଇଁ ତାଲିମ୍ ଶିବିର ଆୟୋଜନର ଆଭିମୁଖ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରଶିକ୍ଷିକା ଭାବେ ଉଷାରାଣୀ ଦୋରା ଓ ରାକ୍ଷୀ ସାହୁ ନିଯୁକ୍ତି ପାଇଛନ୍ତି। ଶିବିରେ +୨ ପ୍ରଥମ ବର୍ଷର ସମସ୍ତ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହା ଆଠଦିନ ବ୍ୟାପୀ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମର ସଂଯୋଜିକା ତଥା ଇତିହାସ ଅଧ୍ୟାପିକା ଡ. ସାଲିନା କୁମାରୀ ବେହେରା ପରିଚାଳନା କରିଥିଲେ।

# ନିଃଶୁଳ୍କ ମେଗା ସ୍ୱାସ୍ଥ୍ୟ ଶିବିର

**କବିସୂର୍ଯ୍ୟନଗର,୧୧।୧(ସମିସ):** କବିସୂର୍ଯ୍ୟନଗର କଳିଙ୍ଗ ବୈଶ୍ୟ ମହିଳା ସଂଘ ଅନୁଷ୍ଠାନ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଉଦଘାଟନ କରିଥିଲେ ସମ୍ ହସ୍ପିଟାଲ ନିର୍ଦ୍ଦେଶକ ଦେବପ୍ରସାଦ ଦାସ। ଶ୍ରୀମା ବାସବୀ କନ୍ୟକା ପରମେଶ୍ୱରୀ ଫୋଟ ଚିତ୍ରରେ ମାଲ୍ୟାର୍ପଣ ପୂର୍ବକ ପୂଜାର୍ଚ୍ଚନା କରିଥିଲେ ଅଞ୍ଚଳର ଉପଦେଷ୍ଟା ଗୋପାଳକୃଷ୍ଣ ସେନାପତି। ଶିବିରରେ ୩ ଶହରୁ ଉର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ମେଡ଼ିସିନ ସହକାରୀ ପ୍ରଫେସର ଡ଼ା. ଅଯୋଧ୍ୟା ନାଥ ପାଢ଼ୀ, ଓଏଣ୍ଡଜି ସହକାରୀ ପ୍ରଫେସର ଡ଼ା. ସୁବାସିଷ ପାଣିଗ୍ରାହୀ, ଡ଼ା. ସୁଜିତ ବେହେରା, ଡ଼ା. ଜୀବନ ପ୍ରଧାନ, ଡ଼ା. ରଞ୍ଜିତ ପାତ୍ର, ଡ଼ା.



ବିଶ୍ୱଜିତ ସାମଲ, ଡ଼ା. କେ. ସ୍ନିଗ୍ଧା, ଡ଼ା. ପୁଷ୍ପାଞ୍ଜଳି ସାହୁ, ଶୁଭମ ମିଶ୍ର, କେ. ରବୀନାରାୟଣ ପାତ୍ର, ସୁବ୍ରତ ପ୍ରଧାନ, ଆଶୀର୍ବାଦ ପାତ୍ର, ଅର୍ଚ୍ଚନା ତ୍ରିପାଠୀ, ମନୋଲିସା ଜେନା, ପ୍ରଭୂପଦ ପରିଡା ପ୍ରମୁଖ ଡାକ୍ତର, ଫାର୍ମାସିଷ୍ଟ ଓ ଷ୍ଟାଫଙ୍କୁ ସ୍ୱାଗତ ଜଣାଇଥିଲେ ମହିଳା ସଂଘ କର୍ମକର୍ତ୍ତା। କଳିଙ୍ଗ ବୈଶ୍ୟ ମହିଳା ସଂଘ ସଭାନେତ୍ରୀ ଇ. ଲକ୍ଷ୍ମୀପ୍ରିୟା ପାତ୍ର, ଉପସଭାନେତ୍ରୀ କେ. ତପସ୍ୱିନୀ ପାତ୍ର, ସମ୍ପାଦିକା କେ. କନ୍ୟାକୁମାରୀ ପାତ୍ର, ଉପସମ୍ପାଦିକା ଟି. ସଂଗୀତା ପାତ୍ର, କୋଷାଧ୍ୟକ୍ଷା ଗାୟତ୍ରୀ ସୁବୁଦ୍ଧି, ସହ କୋଷାଧ୍ୟକ୍ଷା ଇ. ଚାନ୍ଦିନୀ ପାତ୍ର ଓ ଅଞ୍ଚଳ ସମ୍ପାଦିକା ଏ. ରଶ୍ମିତା ପାତ୍ର ଓ ସଂଘ ସମସ୍ତ ସଦସ୍ୟା ସହଯୋଗ କରିଥିଲେ।

# ସଡ଼କ ସୁରକ୍ଷା ସଚେତନତା ରାଲି




**ଆସିକା,୧୧।୧(ସମିସ):** ଆସିକା ରାମକୃଷ୍ଣ ଆଦର୍ଶ ବିଦ୍ୟାମନ୍ଦିରର ରାମକୃଷ୍ଣ ସ୍କାଉଟ ଓ ଶାରଦା ଗାଇଡ଼ କମ୍ପାନୀ ଦ୍ୱାରା ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଧାନ ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ଆଚାର୍ଯ୍ୟଙ୍କ ସଂଯୋଜନାରେ ଏକ ସଚେତନତା ରାଲି ଆୟୋଜିତ ହୋଇଥିଲା। ଏହି ସଭାରେ ମୁଖ୍ୟ ଅତିଥି ଭାବେ ଆସିକା ଉପଖଣ୍ଡ ପୁଲିସ ଅଧିକାରି ଗିରିଜା ଶଙ୍କର ପଟ୍ଟନାୟକ ସଭା ଆରମ୍ଭ କରିଥିଲେ। ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ ବିଦ୍ୟାଳୟ ସମ୍ପାଦକ କମଳେନ୍ଦୁ ହୋତା, ସହ ସମ୍ପାଦକ ଦିଲ୍ଲୀପ କୁମାର ଶତପଥୀ ଉପସ୍ଥିତ ଥିଲା ବେଳେ ମୁଖ୍ୟବକ୍ତା ଭାବେ ଆଇନଜୀବୀ ତଥା ସାମ୍ବାଦିକ ଅନିଲ ପାଣିଗ୍ରାହୀ ଉପସ୍ଥିତ ଥିଲେ। ବିଦ୍ୟାଳୟର ଗାଇଡ଼ କ୍ୟାପଟେନ କାଦମ୍ବିନୀ ହୋତା, ଲୀନାକୁମାରୀ ସ୍ୱାଇଁଙ୍କ ଦ୍ୱାରା ଆୟୋଜିତ ସଡ଼କ ସୁରକ୍ଷା ରାଲିକୁ ଆସିକା ଉପଖଣ୍ଡ ପୁଲିସ ଅଧିକାରୀ ଗିରିଜା ଶଙ୍କର ପଟ୍ଟନାୟକ ସବୁଜ ପତକା ଦେଖାଇ ଶୁଭାରମ୍ଭ କରିଥିଲେ। ବିଜୁପଟ୍ଟନାୟକ ଛକରେ ରାମକୃଷ୍ଣ ସ୍କାଉଟ୍ ଟ୍ରୁପ୍ ଓ ସାରଦା ଗାଇଡ୍ କମ୍ପାନି ଦ୍ୱାରା ଲୋକମାନଙ୍କୁ ସଡକ ସୁରକ୍ଷା ସଚେତନ କରାଯାଇଥିଲା। ରାଲିରେ ବିଦ୍ୟାଳୟର ଗୁରୁଜୀ, ଗୁରୁମା କାର୍ତ୍ତିକେଶ୍ୱର ବେହେରା, ଅଜୟ କୁମାର ପଟ୍ଟନାୟକ, ଅନ୍ତର୍ଯ୍ୟାମି ସାହୁ, ସଙ୍ଗୀତା ପାତ୍ରଙ୍କ ସମେତ ରାମକୃଷ୍ଣ ବିଦ୍ୟା ମନ୍ଦିରର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

**ପତାକା ଦେଖାଇ ଶୁଭାରମ୍ଭ କଲେ ଉପଖଣ୍ଡ ପୁଲିସ ଅଧିକାରୀ**

■ ଖଲ୍ଲିକୋଟ ମର୍ଦ୍ଦରାଜ ମହୋତ୍ସବ

# ଚଳିତବର୍ଷ ହେବନି ସାଂସ୍କୃତିକ କାର୍ଯ୍ୟକ୍ରମ



**ଖଲ୍ଲିକୋଟ,୧୧।୧(ସମିସ):** ଚଳିତ ବର୍ଷ ଅନୁଷ୍ଠିତ ହେବାକୁ ଥିବା ମର୍ଦ୍ଦରାଜ ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେବନାହିଁ କିମ୍ବା ସ୍ମରଣିକା ମଧ୍ୟ ପ୍ରକାଶ ପାଇବ ନାହିଁ। ସେହିଭଳି ମର୍ଦ୍ଦରାଜ ସମ୍ମାନ ମଧ୍ୟ ପ୍ରଦାନ କରାଯିବ ନାହିଁ। କେବଳ ସ୍ୱର୍ଗତ ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ସ୍ମୃତିସଭା ଅନୁଷ୍ଠିତ ହେବ। ଖଲ୍ଲିକୋଟ ରାଣୀ ଭି. ସୁଜ୍ଞାନୀ କୁମାରୀ ଦେଓଙ୍କ ମୃତ୍ୟୁକୁ ବର୍ଷେ ପୂରି ନ ଥିବାରୁ ମହୋତ୍ସବକୁ ସମ୍ପୂର୍ଣ୍ଣ ନିରାଡ଼ମ୍ବର ଭାବେ ପାଳନ କରିବାକୁ ନିଷ୍ପତ୍ତି ନେଇଛି ମର୍ଦ୍ଦରାଜ ସାଂସ୍କୃତିକ ପରିଷଦ। ଏନେଇ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ମର୍ଦ୍ଦରାଜ ସାଂସ୍କୃତିକ ପରିଷଦର ସମ୍ପାଦକ ସୁଧାଂଶୁ ଶେଖର ସାହୁ। ମର୍ଦ୍ଦରାଜ ସାଂସ୍କୃତିକ ପରିଷଦର ପ୍ରତିଷ୍ଠାତା ଖଲ୍ଲିକୋଟ ରାଣୀ ସାହେବା ଭି. ସୁଜ୍ଞାନୀ କୁମାରୀ ଦେଓଙ୍କ ମୃତ୍ୟୁକୁ ବର୍ଷେ ପୂରି ନ ଥିବାରୁ ଚଳିତ ମାସ ୧୧ ତାରିଖରୁ ତିନି ଦିନ ଧରି ପାଳିତ ହେବାକୁ ଥିବା ମର୍ଦ୍ଦରାଜ ମହୋତ୍ସବକୁ ବାତିଲ କରି କେବଳ ୧୩ ତାରିଖରେ ରାଜାଙ୍କ ଜୟନ୍ତୀ ଦିବସରେ ଏକ ସ୍ମୃତିସଭାର ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିରେ ରାଜ୍ୟ ପୂର୍ବତନ ମୁଖ୍ୟ ସୂଚନା କମିଶନର ସୁନୀଲ କୁମାର ମିଶ୍ର, ଉଚ୍ଚ ଶିକ୍ଷା ବିଭାଗର ପୂର୍ବତନ ନିର୍ଦ୍ଦେଶକ ଡକ୍ଟର ପ୍ରଫୁଲ୍ଲ କୁମାର ରଥ, କବି ତଥା ଭାରତୀୟ ପ୍ରଶାସନିକ ଅଧିକାରୀ ସୌମ୍ୟ ନାରାୟଣ ପାଣିଗ୍ରାହୀ ଓ ବରିଷ୍ଠ ସାମ୍ବାଦିକ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଭୁବନେଶ୍ୱର କାର୍ଯ୍ୟକ୍ରମରେ ଗଞ୍ଜାମର ସମସ୍ତ ବିଧାୟକଙ୍କ ସହ ଦୁଇ ମନ୍ତ୍ରୀ ବିଭୁତି ଭୂଷଣ ଜେନା ଓ ଗୋକୁଳା ନନ୍ଦ ମଲ୍ଲିକ ଯୋଗ ଦେବାକୁ ଥିବା ବେଳେ ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗଦେବେ ବୋଲି ସୂଚନା ଦେଇଛନ୍ତି ପୂଜ୍ୟପୂଜା ସାହିତ୍ୟ ସଂସଦର ସମ୍ପାଦକ ମହେଶ୍ୱର ବରାଡ଼। ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ସଦସ୍ୟ ଡାକ୍ତର ହରପ୍ରସାଦ ମହାପାତ୍ର, ଅନିରୁଦ୍ଧ ସାହୁ, ଚନ୍ଦ୍ର ଶେଖର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଖେମୁଣ୍ଡି କଲେଜରେ ଜାତୀୟ ପାଠଚକ୍ର ଉଦ୍‌ଯାପିତ



**ଦିଗପହଣ୍ଡି,୧୧।୧(ସମିସ):** ଉତ୍କଳୀୟ ସଂସ୍କୃତି ଓ ପରମ୍ପରାର ମହନୀୟତାକୁ ସାରା ବିଶ୍ୱରେ ପରିଚିତ କରାଇବାର ଲକ୍ଷ୍ୟ ନେଇ ଦିଗପହଣ୍ଡି ସ୍ଥିତ ଖେମୁଣ୍ଡି ସ୍ନାତକ କଲେଜ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ତଥା ଆଇକ୍ୟୁଏସିର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଦ୍ୱି-ଦିବସୀୟ ଜାତୀୟ ପାଠଚକ୍ର ଉଦଯାପିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ଼ . ଅସିତ କୁମାର ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ପରିଚାଳନା ସମ୍ପାଦିକା ତଥା ଅଧ୍ୟାପିକା ଡ଼. ନିର୍ମଳା ମହାନ୍ତି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଓଡ଼ିଶାର ସାଂସ୍କୃତିକ ଇତିହାସକୁ ଖେମୁଣ୍ଡିର ଅବଦାନ ଶୀର୍ଷକ ପାଠଚକ୍ରରେ ଆନ୍ଧ୍ରପ୍ରଦେଶ ସୀତାମପେଟା ସରକାରୀ ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼.ସୁଶାନ୍ତ ଜେନା ସଂଯୋଜନା କରିଥିଲେ। ତୃତୀୟ ବୈଷୟିକ ଅଧିବେଶନ ରେ ବିଶିଷ୍ଟ ଗବେଷକ ଡ଼.ଅନନ୍ତରାମ କର କୌଣ୍ଡନ୍ୟ ସଭାପତିତ୍ୱ କରିବା ସହ ଭିତ୍ତି ପ୍ରବନ୍ଧ ପାଠ କରିଥିଲେ। ସେହିପରି ଟିକିଟି ମହାବିଦ୍ୟାଳୟ ଅଧ୍ୟାପକ ପ୍ରକାଶ ବେହେରା, ଡ଼.ସଞ୍ଜୟ କୁମାର ପଣ୍ଡା, ପାରଳାଖେମୁଣ୍ଡି କୃଷ୍ଣଚନ୍ଦ୍ର ଗଜପତି ମହାବିଦ୍ୟାଳୟ ଅଧ୍ୟାପିକା ଡ଼.ଚାରୁପ୍ରଭା ନାୟକ, କଙ୍କୋରଡ଼ା କଲେଜ ଅଧ୍ୟାପକ ସିମାଞ୍ଚଳ ପ୍ରଧାନ, ସିଲୁ ମଣ୍ଡଳ ପ୍ରମୁଖ ସେମାନଙ୍କ ଲିଖିତ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଚତୁର୍ଥ ବୈଷୟିକ ଅଧିବେଶନରେ ଅବସରପ୍ରାପ୍ତ ସହକାରୀ ପର୍ଯ୍ୟଟନ ନିର୍ଦ୍ଦେଶକ ଡ଼.କୃଷ୍ଣଚନ୍ଦ୍ର ନିଶଙ୍କ ଅଧ୍ୟକ୍ଷତା କରିଥିଲେ। ଏଥିରେ ବ୍ରହ୍ମପୁର ସିଟି କଲେଜ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ଼.ଲମ୍ବୋଦର ପାଣିଗ୍ରାହୀ ଅତିଥି ଭାବେ ମଞ୍ଚାସିନ ଥିଲେ। କୋଟପାଡ଼ କଲେଜ ଅଧ୍ୟାପକ ବଲ୍ଲଭ ଜାନି, ପାଟପୁର ବିଶ୍ୱାସରାୟ କଲେଜ ଅଧ୍ୟାପକ ସୁରେନ୍ଦ୍ର ଶବର ଭିତ୍ତିପ୍ରବନ୍ଧ ପାଠ କରିଥିଲେ। ଖେମୁଣ୍ଡି କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷା ପ୍ରଣତି ପାତ୍ର, ଡ଼.ଅଶୋକ କୁମାର ରଥ, ଅଧ୍ୟାପକ ଡ଼. ରାଜେନ୍ଦ୍ର ପ୍ରସାଦ ମହାପାତ୍ର, ରମେଶ ଚନ୍ଦ୍ର ପ୍ରଧାନ, ଖେମୁଣ୍ଡି କଲେଜ ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପିକା ଡ଼. ପୁଷ୍ପଲତା ସାହୁ, ଖେମୁଣ୍ଡି ଓକିଲ ସଂଘ ସଭାପତି ହରପ୍ରସାଦ ରଥ, ଗୋପାଳକୃଷ୍ଣ ମଲ୍ଲିକ, ଅଶେଷ ନାଥ ମିଶ୍ର, ବିନାୟକ ଦାସ ଙ୍କ ସମେତ କଲେଜର ବହୁ ସଂଖ୍ୟକ ଅଧ୍ୟାପିକା ଅଧ୍ୟାପକ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।

# ବୁଢେଶ୍ୱର ଗ୍ରହବିପ୍ର ସଂଘର ବୈଠକ



**ସାନଖେମୁଣ୍ଡି,୧୧।୧(ସମିସ):** ବୁଢେଶ୍ୱର ଗ୍ରହବିପ୍ର ସଂଘ ତରଫରୁ ଏକ ବୈଠକ ସ୍ଥାନୀୟ ପଳାସପୁର ସ୍ଥିତ ବୁଢ଼େଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସ୍ଥାୟୀ ସଭାପତି ରାମକୃଷ୍ଣ ମାଦଳାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ପଦ୍ମନାଭ ନାୟକ ବୈଠକର ଉଦେଶ୍ୟ ବିଷୟରେକହିଥିଲେ।ଗ୍ରହବିପ୍ରସଂଘକିପରିସରକାରଙ୍କ ପାଖରେ ପଞ୍ଜୀକରଣ ହୋଇପାରିବ ସେନେଇ ବିଶେଷ ଆଲୋଚନା କରିଥିଲେ। ଏହି ଅବସରରେ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ଉପ ସଭାପତି ରାମ ପ୍ରସାଦ ନାୟକ, ଯୁଗ୍ମସମ୍ପାଦ ପ୍ରଶାନ୍ତ କୁମାର ନାୟକ, କୋଷାଧ୍ୟକ୍ଷ ଦିଲ୍ଲୀପ କୁମାର ଦାସ, ଉପଦେଷ୍ଟା ରାମକୃଷ୍ଣ ନାୟକ, ଭାସ୍କର ଦାସ, ଉମେଶ ନାୟକ, ଦୀନବନ୍ଧୁ ପଣ୍ଡିତ, ରାଧାକୃଷ୍ଣ ମାଦଳା, ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ସାଂଗଠନିକ ସଭାପତି ହରି ପ୍ରସାଦ ନାୟକ, ଉପ ସଂଗଠନିକ ସଭାପତି ମନୋଜ ମାଦଳା, ଯୁବକ ସଂଗଠନର ସଦସ୍ୟ ନରସିଂହ ଦାସ, ସୁଦାମ ଦାସ, ସୁରେଶ ଦାସ, ସତ୍ୟନାରାୟଣ ଦାସ, ଶଙ୍କର ନାୟକ, ନୀଳାଞ୍ଚଳ ନାହାକ, ରଞ୍ଜନ କୁମାର ଦାସ, କାଳୀ ପ୍ରସାଦ ପଟ୍ଟନାୟକ, ରବୀନ୍ଦ୍ର କୁମାର ଦାସ, ରାଧାଗୋବିନ୍ଦ ଦାସ, କୃଷ୍ଣ ମାଦଳାଙ୍କ ସହିତ ଶତାଧିକ ଜାତି ଭାଇ ଯୋଗ ଦେଇଥିଲେ।

### କୃଷିମେଳାରେ ବର୍ଷିଲେ ରାୟଗଡ଼ା ବିଧାୟକ

# ‘ଚାଷୀ ସବୁବେଳେ ଶୋଷଣର ଶିକାର ହେଉଛନ୍ତି’

ରାୟଗଡ଼ା, ୧୧।୧(ସମିସ):

ଗତ ୭ତାରିଖ ଠାରୁ ରାୟଗଡ଼ା ଜିଲ୍ଲା ପ୍ରଶାସନ ଓ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଦ୍ୱାରା ଆୟୋଜିତ ହେଉଥିବା ଜିଲ୍ଲାସ୍ତରୀୟ କୃଷି ଓ କୃଷି ଯନ୍ତ୍ରପାତି ମେଳାର ଆଜି ପଞ୍ଚମ ଦିନ ଥିଲା ଉଦ୍‌ଯାପନୀ ଦିବସ। ଏହି ମେଳାର ଚତୁର୍ଥ ଦିନରେ ରାୟଗଡ଼ା ବିଧାୟକ ଆପାଲାସ୍ୱାମୀ କାଡ୍ରକା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜିଲ୍ଲାରେ ଚାଷୀମାନେ ସବୁବେଳେ ଶୋଷଣର ଶୀକାର ହେଉଛନ୍ତି ବୋଲି କହି ବର୍ଷିଥିଲେ। ଜିଲ୍ଲାରେ ଧାନ, କପା, ମାଣ୍ଡିଆ, ମାଛ ଆଦି ଚାଷରେ ଚାଷୀମାନେ ଉପକୃତ ହୋଇପାରୁ ନ ଥିବା ବେଳେ ଦଲାଲମାନେ ଅଧିକ ମାତ୍ରାରେ ଲାଭବାନ ହୋଇଛନ୍ତି। ଜିଲ୍ଲାରେ ଭାଗଚାଷୀମାନେ କ୍ଷତିପୂରଣ

* ମାଛ ପୋଖରୀ ଜାଗାରେ ଧାନଚାଷ, ପୋଖରୀ ଗଲା କୁଆଡେ

ପାଇବାରୁ ବଞ୍ଚିତ ହେଉଥିବା ବେଳେ ଭାଗଚାଷୀଙ୍କୁ ବିଭାଗ ପକ୍ଷରୁ ଚିହ୍ନଟ କରାଯାଇ କ୍ଷତିପୂରଣ ପ୍ରଦାନ ପାଇଁ ବିଭାଗୀୟ ଅଧିକାରୀମାନେ ଧ୍ୟାନ ଦେବାକୁ ସେ ପରାମର୍ଶ



ଦେଇଥିଲେ। ବିଶେଷ କରି କୃଷି ଅଧିକାରୀମାନେ ଗାଁକୁ ଗାଁ ନ ଯାଇ ସଚେତନତା କାର୍ଯ୍ୟକ୍ରମ କରୁ ନ ଥିବାରୁ ଅନେକ ଚାଷୀଭାଇମାନେ ଚାଷ ସମ୍ବନ୍ଧୀୟ ସହାୟତା ତଥା ସୁବିଧା ବିଷୟରେ ଅବଗତ ହୋଇପାରୁ ନାହାନ୍ତି। କେବଳ ଗୋଟିଏ ଦୁଇଟି ଗାଁରେ କାର୍ଯ୍ୟକ୍ରମ ସାରି ଦେଉଥିବାରୁ ଅନ୍ୟମାନେ ସଚେତନ ହୋଇପାରୁନାହାନ୍ତି। ଦଲାଲମାନେ ସରକାରଙ୍କ ରିହାତିକୁ ଯୋଜନା କରି ଲୁଟ୍ କରୁଥିବା ବେଳେ ପ୍ରକୃତ ଚାଷୀ ଏଥିରୁ ବଞ୍ଚିତ ହେଉଛନ୍ତି। ମଣ୍ଡିରେ ଚାଷୀଙ୍କୁ ଅଖା ଦିଆଯାଉ ନ ଥିବା ବେଳେ ବିଭାଗୀୟ ଅଧିକାରୀଙ୍କୁ ଅଖାର ତଥ୍ୟ ମାଗିଲେ ମୂଷା ଖାଇଗଲେ ବୋଲି ଉତ୍ତର ମିଳୁଛି ବୋଲି କହିଥିଲେ। ସେହିପରି ମଣ୍ଡିରେ ବର୍ତ୍ତମାନ ସୁଦ୍ଧା ଚାଷୀଙ୍କ ଧାନ ଉଠି ପାରି ନ ଥିବା ବେଳେ ଥଣ୍ଡା ଶୀତରେ ଚାଷୀ ମଣ୍ଡି ଜଗି ବସିଛି ବୋଲି କହିଥିଲେ। ମୁଣ୍ଡର ଝାଳ ତୁଣ୍ଡରେ ମାରି ଚାଷୀ ଧାନ ଫସଲ ଅମଳ କରୁଥିବା ବେଳେ ତାହାର ଆୟ ଅପେକ୍ଷା ଏଠାରେ ଦଲାଲଙ୍କ ଆୟ ଦ୍ୱିଗୁଣିତ ହେଉଛି ବୋଲି ଶ୍ରୀ କାଡ୍ରକା ବର୍ଷିଥିଲେ। ସେହିପରି ଧାନ ମଣ୍ଡିରେ ଅଧିକ ତ୍ରୁଟିକୁ ନେଇ ଚାଷୀ ଅଭିଯୋଗ କରୁଥିବା ବେଳେ ମଣ୍ଡି ପରିଚାଳନା ସଂସ୍ଥା ଚୁପ ବସି ରହିଛି। ଜିଲ୍ଲାରେ ମତ୍ସ୍ୟ ବିଭାଗ ପକ୍ଷରୁ ଖୋଳାଯାଇଥିବା ପୋଖରୀରେ ଧାନ ଚାଷ ଦେଖିବାକୁ ମିଳୁଛି। ଯଦି ମାଛ ଚାଷ ହୋଇଥିଲା ତେବେ ପୋଖରୀ ଓ ମାଛଗୁଡିକ କୁଆଡେ ଗଲା ବୋଲି ପ୍ରଶ୍ନ କରିଛନ୍ତି। ଏପରିକି ମିଥ୍ୟା ବିଲ୍ କରି କିଏ ମାଛ ଖାଇଛି ସେମାନଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ପାଇଁ ମୁଁ ବିଭାଗୀୟ ମନ୍ତ୍ରୀଙ୍କ ସହ ଆଲୋଚନା କରିବି ବୋଲି କହିଛନ୍ତି। ଜିଲ୍ଲାରେ ତିନୋଟି ନଦୀ ପ୍ରବାହିତ ହେଉଥିବା ବେଳେ ପଡୋଶୀ ଆନ୍ଧ୍ର ଓ ତେଲେଙ୍ଗାନାର ଚାଷୀମାନେ ପାଣି ବ୍ୟବହାର କରି ଧନୀ ଶ୍ରେଣୀର ଚାଷୀଙ୍କ ମଧ୍ୟରେ ଗଣିତ ହେଉଛନ୍ତି କିନ୍ତୁ ଆମ ଚାଷୀମାନେ ଚାଳଘରରୁ ଛାତଘର କରିବାକୁ ସମର୍ଥ ହୋଇପାରୁନାହାନ୍ତି ବୋଲି କହିଛନ୍ତି। ଯେଉଁଠାରେ ବିଭାଗୀୟ ଅଧିକାରୀ ତଥା ପ୍ରଶାସନର ଆନ୍ତରିକତା ନାହିଁ ସେଠାରେ ଚାଷୀଙ୍କ ବିକାଶରେ ସରକାରଙ୍କ ଯୋଜନା ଗୁଡିକ କେବଳ ନାମକୁ ମାତ୍ର ବୋଲି କହିଛନ୍ତି। ମାଣ୍ଡିଆ ଚାଷ ମଧ୍ୟ କେବଳ କାଗଜକଲମରେ ସୀମିତ ରହିଥିବା ବେଳେ ବାହାର ରାଜ୍ୟରୁ ରସାୟନିକ ସାରରେ ଉତ୍ପାଦିତ ମାଣ୍ଡିଆ ଆଣି ଏଠାରେ ବିକ୍ରି କରାଯାଇ ଏଠାକାର ଚାଷୀଙ୍କୁ ସହାୟତା ପାଇବାରୁ ବଞ୍ଚିତ ରଖାଯାଉଛି। ତେଣୁ ଚାଷୀଭାଇମାନେ ଦଲାଲଙ୍କ ଠାରୁ ଦୂରେଇ ରହିବା ସହ ବିଭାଗ ସହ ଜଡିତ ରହି ସରକାରଙ୍କ ଯୋଜନାରେ ଲାଭବାନ୍ ହେବାକୁ ପରାମର୍ଶ ଦେଇଥିଲେ।

* ପ୍ଲାଏଉଡ୍ କମ୍ପାନୀ ଜମି ଅଧିଗ୍ରହଣ ପାଇଁ ବୈଠକ

## ସତୁରି ଭାଗ ନିଯୁକ୍ତି ଦାବିକଲେ ଅଞ୍ଚଳବାସୀ

ସେମିଳିଗୁଡା, ୧୧।୧(ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ବ୍ଲକର ସେମିଳିଗୁଡା ବ୍ଲକ ଅନ୍ତର୍ଗତ, ଦଳେଇଗୁଡ଼ା ଓ ପାକଝୋଲା ଗ୍ରାମ ପଞ୍ଚାୟତ ଅଧୀନରେ ଥିବା କାଡ଼ାମଗୁଡ଼ା ଗ୍ରାମରେ ରେ ହେବାକୁ ଥିବା ଗ୍ରୀନ୍ ପ୍ଲାଏଉଡ୍ କମ୍ପାନି ପାଇଁ ଜମି ଅଧିଗ୍ରହଣ ପାଇଁ ବୈଠକ ଅନୁଷ୍ଠିତ ହେଇଥିଲା। ମିଉଳ କମ୍ପାନି ପକ୍ଷରୁ ସେମିଳିଗୁଡ଼ା ବ୍ଲକର କାଡାମଗୁଡ଼ା ଗାଁରେ ପ୍ରତିଷ୍ଠା ହେବ ଗ୍ରିନ ପ୍ଲାଏଉଡ୍ କମ୍ପାନି ପ୍ରତିଷ୍ଠା ପାଇଁ ଦଳେଇଗୁଡ଼ା ଓ ପାକଝୋଲା ପଞ୍ଚାୟତର ୬୦ ଏକର ଜମି ଅଧିଗ୍ରହଣ ହେବା ପୂର୍ବରୁ ପ୍ରଶାସନ ପକ୍ଷରୁ ଜମିହରା ପରିବାରକୁ ନେଇ କାଡାମଗୁଡ଼ା ଗ୍ରାମରେ ବୈଠକ ହୋଇଥିଲା। ବୈଠକରେ ସେମିଳିଗୁଡା ତହସିଲଦାର ଦେବବ୍ରତ କରାଟେ, ସେମିଳିଗୁଡ଼ା ବିଡିଓ ଜସ୍ମିନ ପ୍ରଧାନ, ଗ୍ରୀନ ପ୍ଲାଇଉଡ଼ର ନୋଡାଲ ଅଧିକାରୀ ପି.କେ.ଦାସ, ଆରଆଇ, ବ୍ଲକ ଉପାଧ୍ୟକ୍ଷ ଶିବା ବାଙ୍ଗାରି, ପିଇଓ ଅଭିମନ୍ୟୁ ଖରା, ମାଳିପର୍ବତ ସୁରକ୍ଷା ସମିତି ସଂଘ ସଭାପତି ବିଜୟ ଖିଲ, ପାକଝୋଲା ସରପଞ୍ଚ ଲକ୍ଷ୍ମଣ ଦିଶାରୀ, ଦଳେଇଗୁଡା ସରପଞ୍ଚ ମହାଲକ୍ଷ୍ମୀ ଜାନୀ, କୋରାପୁଟିଆ ଜନସୁରକ୍ଷା ସଂଘର ସଭାପତି ଦାଶୀ ନନ୍ଦିବାଲି, ଆଦିବାସୀ ନେତା ତ୍ରିଲୋଚନ ମୁଦୁଲି, ଉପସ୍ଥିତିରେ ଚୁକ୍ତିନାମା କରି ୬୦ ଏକର ଜାଗା ଚିହ୍ନଟ କରାଯାଇଥିଲା। ବୈଠକରେ ପଞ୍ଚାୟତର ଶତାଧିକ ଲୋକେ ଯୋଗ ଦେଇଥିଲେ। ପ୍ରତି ଗ୍ରାମରୁ ଜଣେ ଲେଖାଏଁ ନିଜ ନିଜର ମତ ପ୍ରଦାନ କରିଥିଲେ। ଶିକ୍ଷାର ଉନ୍ନତି, ସ୍ୱାସ୍ଥ୍ୟ ସେବା, ପାନୀୟ ଜଳର ବ୍ୟବସ୍ଥା, ରାସ୍ତା ଘାଟ ମରାମତି, ସ୍କୁଲ କଲେଜ, ପାରିପାର୍ଶ୍ୱିକ ଅଞ୍ଚଳର ଉନ୍ନତି କରଣରେ ସିଏସ୍ଆର ଅନୁଦାନ ବ୍ୟବସ୍ଥା, ୨୪ ଘଣ୍ଟା ଆମ୍ବୁଲାନ୍ସ ବ୍ୟବସ୍ଥା ଏବଂ ଅଞ୍ଚଳ ବାସୀଙ୍କ ରୋଜଗାର ନିମନ୍ତେ ୭୦ ଭାଗ ନିଯୁକ୍ତି ଦେବା ଉପରେ ଗ୍ରାମବାସୀ ଦାବି ରଖିଥିଲେ। ଗ୍ରାମବାସୀଙ୍କ ଉପସ୍ଥାପନାକୁ ଗ୍ରୀନ ପ୍ଲାଇଉଡ କମ୍ପାନିର କର୍ତ୍ତୃପକ୍ଷ ସହମତି ଦେଇଥିବା ଦେଖିବାକୁ ମିଳିଛି। ଯଦି କମ୍ପାନୀର ପ୍ରତିଶ୍ରୁତି କାର୍ଯ୍ୟକାରୀ କରା ନଯାଏ ଆଗାମୀଦିନରେ ଗ୍ରୀନ ପ୍ଲାଇଉଡ଼ କମ୍ପାନିକୁ ବିରୋଧ କରାଯିବ ବୋଲି ଗ୍ରାମବାସୀ କହିଛନ୍ତି। ସେହିପରି ଗଛ ବଦଳରେ ଗଛ, ଜମି ବଦଳରେ ଜମି ପାଇଁ ମଧ୍ୟ ଉପସ୍ଥାପନା କରି ଥିଲେ ଏବଂ କିଛି ମହିଳା ଓ ପୁରୁଷଙ୍କ ପୂର୍ବରୁ ଗାଈ ଗୋରୁ ପାହାଡ଼କୁ ଯାଇ ଚରୁଥିଲେ, କିଛିଲୋକ କନ୍ଦାମୂଳ ସଂଗ୍ରହକରିବା ସହ କାଠ ବିକ୍ରି କରି ପରିବାର ପ୍ରତି ପୋଷଣ କରୁଥିବା କଥା କହିଥିଲେ।

* ନବମ ଶ୍ରେଣୀ ଛାତ୍ରୀକୁ ଦୁଷ୍କର୍ମ ଉଦ୍ୟମ ପରେ ଛୁରାମାଡ଼ ଘଟଣା

## ବାପାକୁ ଉଠାଇ ଆଣିବା ପରେ କାବୁହେଲା ଅଭିଯୁକ୍ତ ପୁଅ



ନନ୍ଦପୁର, ୧୧।୧(ସମିସ): ନବମ ଶ୍ରେଣୀ ଛାତ୍ରୀକୁ ଦୁଷ୍କର୍ମ ଉଦ୍ୟମ ଓ ଛୁରାମାଡ଼ ଘଟଣାରେ ଅଭିଯୁକ୍ତକୁ ଶେଷରେ କାବୁ କରିଛି ପୁଲିସ। ଗତକାଲି ବାପାକୁ ଉଠାଇ ଆଣିବା ପରେ ଶନିବାର ଦିନ ପୁଅକୁ ଧରିବାରେ ସକ୍ଷମ ହୋଇଛି। ଅଭିଯୁକ୍ତ ଜଣକ ହେଲେ ଲୁକୁ ଖରା।

ଗତ ୩ଦିନ ତଳେ ଛାତ୍ରୀ ଜଣକ ଜଙ୍ଗଲକୁ ଶୌଚ ପାଇଁ ଯାଇଥିବାବେଳେ ଲୁକୁ ବଳାତ୍କାର ଉଦ୍ୟମ କରିଥିଲା। ଏହାପରେ ଛୁରାମାଡ଼ କରି ଫେରାର ହୋଇଯାଇଥିଲା। ପୁଲିସ ଘଟଣାସ୍ଥଳରୁ ଛୁରୀ, ଟର୍ଚ୍ଚ ଲାଇଟ୍ ଆଜି ଜବତ କରିଥିଲା। ଅଭିଯୁକ୍ତର ବାପାକୁ ଶୁକ୍ରବାର ସହକାରୀ ଥାନା ଅଧିକାରୀ ମମତା କୁମାର ପଣ୍ଡା, ଏସ୍ଆଇ ଦୀପ୍ତିୟମି ଧାରୁଆଙ୍କ ସହ ଏକ ଟିମ୍ ଲୁକୁର ବାପାକୁ ଉଠାଇ ଆଣିବା ସହ ତାଙ୍କ ସମ୍ପର୍କୀୟଙ୍କୁ ଢାଲ କରି ଲୁକୁକୁ କାବୁ କରିବାରେ ସକ୍ଷମ ହୋଇଛି। ନାବାଳିକାର ସ୍ୱାସ୍ଥ୍ୟ ଅବସ୍ଥାରେ ଉନ୍ନତି ଆସୁଛି।

## ଡିଆଇଇଟିର ଜିଲ୍ଲାସ୍ତରୀୟ ପାଠଚକ୍ର ଉଦ୍‌ଯାପିତ




ରମ୍ଭା, ୧୧।୧(ସମିସ): ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଗଂଜାମ, ଖଲ୍ଲିକୋଟରେ ସିଲ୍ ପାଠଚକ୍ର ଉଦଯାପିତ ହୋଇଛି। ପ୍ରଥମ ଦିବସରେ ଶୁଭାରମ୍ଭ ହୋଇଥିବା ସିଲ୍ ବିଷୟ ପାଠଚକ୍ରକୁ ଶିକ୍ଷା ଜିଲ୍ଲା ଅଧିକାରୀ ଅମିତା ପଟ୍ଟନାୟକ ଉଦଘାଟନ କରିଥିଲେ। ଉଦଯାପନୀ ଦିବସରେ ପ୍ରତିଷ୍ଠାନର ପ୍ରାକ୍ତନ ଅଧ୍ୟକ୍ଷା ଆହୁତି ବରାଳ, ନିମାପଡ଼ା ପ୍ରଶିକ୍ଷଣ ପ୍ରତିଷ୍ଠାନର ଭାରପ୍ରାପ୍ତ ଅଧ୍ୟକ୍ଷ ଡକ୍ଟର ପ୍ରଭାକର ତ୍ରିପାଠୀ, ଧରାକୋଟ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲିଙ୍ଗରାଜ ସ୍ୱାଇଁ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ସିଲ୍ ଅର୍ଥାତ୍ ସାମାଜିକ ଆବେଗିକ ନୈତିକ ଶିକ୍ଷା ବିଷୟକୁ ସାରଗର୍ଭକ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଶିକ୍ଷା କ୍ଷେତ୍ରରେ ସାମାଜିକ ପ୍ରତିଶ୍ରୁତିବଦ୍ଧତା, ଆବେଗ ପ୍ରବଣତା, ନୈତିକତାର ସ୍ଥିତି ସର୍ବାଦୌ ଉଚ୍ଚରେ ବୋଲି ଅଧ୍ୟକ୍ଷ ଡକ୍ଟର ପରିଡ଼ା ଆଲୋଚନା କରିଥିଲେ। ପାଠଚକ୍ରରେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ବ୍ଲକରୁ ଜଣେ ଲେଖାଏଁ ପ୍ରତିନିଧି ଯୋଗଦେଇ ସ୍ୱରଚିତ ଗବେଷଣା ଧର୍ମୀ ସନ୍ଦର୍ଭ ଉପସ୍ଥାପନ କରିବାର ବ୍ୟବସ୍ଥା ରହିଛି। ପାଠଚକ୍ରରେ ପବିତ୍ର ମୋହନ ଉଦଗାତା, ଅମୂଲ୍ୟ ଚନ୍ଦ୍ର ମିଶ୍ର, କିଶୋର କୁମାର ପାଣିଗ୍ରାହୀ, ପ୍ରଦୀପ କୁମାର ସାସମଲ, କାଳୀଚରଣ ନାୟକ, ଅର୍ପିତା ମିଶ୍ର, ରାଜେନ୍ଦ୍ର କୁମାର ପଣ୍ଡା, ଲକ୍ଷ୍ମୀ ନାରାୟଣ ତ୍ରିପାଠୀ, ଅଭିଜିତ ପ୍ରସାଦ ସାହୁ, ସୁବ୍ରତ କୁମାର ପଣ୍ଡା, ଡକ୍ଟର ସୁରେନ୍ଦ୍ର ନାଥ ସାହୁ, ଆଲୋକ କୁମାର ଷଡଙ୍ଗୀ, ଲୋକନାଥ ପ୍ରଧାନ, ସତ୍ୟ ନାରାୟଣ ନାୟକ, ସୁସମିତା ସାହୁ, ଗାୟତ୍ରୀ ସ୍ୱାଇଁ, ନାରାୟଣ ଦଳବେହେରା, ସୁନୀଲ କୁମାର ଶତପଥୀ, ଲକ୍ଷ୍ମୀକାନ୍ତ ଦାଶ, ଦୀପାଞ୍ଜଳୀ ପ୍ରଧାନ, ଜିତେନ୍ଦ୍ର କୁମାର ପଣ୍ଡା, ବିଭୁପ୍ରସାଦ ଆଚାର୍ଯ୍ୟ, ନଜିନା ଫରିନ୍, ଯଶପିନ୍ ସୋନା ପ୍ରମୁଖ ଗବେଷଣା ଧର୍ମୀ ସନ୍ଦର୍ଭ ଉପସ୍ଥାପନ କରିଥିଲେ। ଏଥିସହିତ ଏନସିଇଆରଟି, ନୂଆଦିଲ୍ଲୀର ପ୍ରାକ୍ତନ ନିର୍ଦ୍ଦେଶକ ପ୍ରଫେସର ହୃଷୀକେଶ ସେନାପତି, ସିବିଏସ୍‌ଇ, ନୂଆଦିଲ୍ଲୀର ଆସିଷ୍ଟାଣ୍ଟ ସେକ୍ରେଟାରୀ ଡକ୍ଟର ପ୍ରୀତି କ୍ଷେତ୍ରୀ, ଏସ୍‌ସିଇଆର୍‌ଟି ବିହାରର ଯୁଗ୍ମ ନିର୍ଦ୍ଦେଶକ ଡକ୍ଟର ରଶ୍ମିପ୍ରଭା ଅନଲାଇନ ମାଧ୍ୟମରେ ପାଠଚକ୍ରରେ ଯୋଗଦେଇ ସିଲ୍ ସମ୍ବନ୍ଧରେ ଆଲୋଚନା କରିଥିଲେ।

## ବିଦ୍ୟୁତ ଆଘାତରେ ଦାଦନ ଶ୍ରମିକ ମୃତ

କୁନ୍ଦୁରା, ୧୧।୧(ସମିସ): କୁନ୍ଦୁରା ବ୍ଲକ କେରମେଟି ପଞ୍ଚାୟତ ସଦରର ରାମଧର ଦୁରୁଆଙ୍କ ପୁଅ ଶୁକଦେବ ଦୁରୁଆ (୨୩)ଙ୍କ ବିଦ୍ୟୁତ ଆଘାତରେ ମୃତ୍ୟୁ ଘଟିଛି। ପରିବାର ଲୋକଙ୍କ ସୂଚନା ପ୍ରକାରେ ସେ ଆଜିକୁ ତିନି ମାସ ତଳେ ଆନ୍ଧ୍ର ପ୍ରଦେଶର ମଛଲିପାଟନମ୍ ଅଞ୍ଚଳରେ ଏକ ଚିଙ୍ଗୁଡ଼ି କମ୍ପାନୀରେ କାମ କରୁଥିଲେ। ଗତ କାଲି କାର୍ଯ୍ୟ କ୍ଷେତ୍ରରେ କୌଣସି କାରଣରୁ ବିଦ୍ୟୁତ ଆଘାତରେ ଗୁରୁତର ହୋଇଥିବା ସାଙ୍ଗରେ ଯାଇଥିବା ଜଣେ ଯୁବକ ଫୋନ୍ କରି ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। ସେଠାରୁ ତାଙ୍କୁ ମେଡିକାଲକୁ ନିଆଯାଇଥିଲାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ।

ସୂଚନା ପାଇ ପରିବାର ଓ ଗାଁ ଲୋକ ସେଠାରେ ପହଞ୍ଚିଥିଲେ। ସ୍ଥାନୀୟ ଥାନାରେ ଅଭିଯୋଗ ପରେ ଶବ ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏକ ଆମ୍ବୁଲାନ୍ସ ଯୋଗେ ମୃତଦେହ ଅଣାଯାଉଛି। ଆସନ୍ତା କାଲି ସକାଳେ ଗାଁ ରେ ମୃତ ଦେହ ପହଞ୍ଚିବ ବୋଲି ପରିବାର ଲୋକେ କହିଛନ୍ତି। କାର୍ଯ୍ୟ କ୍ଷେତ୍ରରେ ମୃତ୍ୟୁ ହୋଇଥିବାରୁ କ୍ଷତି ପୂରଣ ଦାବୀ କରିଛନ୍ତି ପରିବାର ଓ ଗାଁ ଲୋକ।

## ହାତୀ ଆକ୍ରମଣରେ ବୃଦ୍ଧ ଗୁରୁତର

ଭଞ୍ଜନଗର, ୧୧।୧(ସମିସ): ବଣୁଆ ହାତୀ ହାବୁଡରେ ପଡ଼ି ଜଣେ ବୃଦ୍ଧ ଗୁରୁତର ଆହାତ ହୋଇଛନ୍ତି। ଗଞ୍ଜାମ ଜିଲ୍ଲା ଉତ୍ତର ଘୁମୁସର ବନଖଣ୍ଡର କେନ୍ଦ୍ରୀୟ ବନାଞ୍ଚଳ ଅନ୍ତର୍ଗତ ଜାନକୀପୁର ଗାଁ ନିକଟରେ ଘଟିଛି ଏଭଳି ଘଟଣା। ଆହତ ଜଣକ ହେଲେ ଜାନକୀପୁର ଗାଁର ସୁଦୁରୁ ନାୟକ(୬୦)। ତାଙ୍କୁ ଭଞ୍ଜନଗର ମେଡିକାଲରେ ଭର୍ତ୍ତି କରାଯାଇଛି। ସୁଦୁରୁଙ୍କ କହିବା ପ୍ରକାରେ ସେ ଗାଁ ନିକଟସ୍ଥ ପୋଖରୀକୁ ଶୌଚ ହେବାପାଇଁ ଯାଇଥିଲେ। ଏତିକିବେଳେ ଗୋଟିଏ ଦନ୍ତାହାତୀ ଆସି ତାଙ୍କୁ ଶୁଣ୍ଢରେ ଧରି ନେଇ କଚାଡି ଦେଇଥିଲା। ଯାହାଫଳରେ ସେ ପୋଖରୀକୁ ଖସିପଡ଼ିବା ସହ ପୋଖରୀର ଅପର ପାର୍ଶ୍ୱ ତୁଠକୁ ଯାଇ ହାତୀ ହାବୁଡରୁ ଖସି ଜୀବନ ବଞ୍ଚାଇଥିଲେ। ହେଲେ ହାତୀ କଚାଡି ଦେଇଥିବାରୁ ସେ ଗୁରୁତର ଆହତ ହୋଇଛନ୍ତି। ସେ ଗରୀବ ପରିବାରର ହୋଇଥିବାରୁ ତାଙ୍କୁ ବନ ବିଭାଗ ସହାୟତା ଯୋଗାଇ ଦେବା ପାଇଁ ସ୍ତ୍ରୀ ସଞ୍ଜୁ ନାୟକ ନିବେଦନ କରିଛନ୍ତି। ବନ ବିଭାଗ ଅଧିକାରୀ ଏବଂ କର୍ମଚାରୀ ମାନେ ମେଡିକାଲରେ ପହଞ୍ଚି ଆହତଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିବା ସହ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏହା ସହ ସରକାରୀ ନିୟମ ପ୍ରକାରେ ଆହତଙ୍କୁ ସହାୟତା ଯୋଗାଇ ଦିଆଯିବ ବୋଲି କେନ୍ଦ୍ରୀୟ ବନାଞ୍ଚଳ ଅଧିକାରୀ ପୃଥ୍ୱୀ ରାଜ ପ୍ରଧାନ କହିଛନ୍ତି।

## ଓଡ଼ିଶା ଭାଷାର ବହୁଳ ବ୍ୟବହାର କରିବାକୁ ଆହ୍ୱାନ



ବ୍ରହ୍ମପୁର, ୧୧।୧(ସମିସ): ଓଡ଼ିଆ ଭାଷା ଆନ୍ଦୋଳନ ଓ ସଂସ୍କାରବାଦୀ ସଂଗଠନ ତରଫରୁ ସ୍ଥାନୀୟ ହିଲପାଟଣାଠାରେ ‘ଓଡ଼ିଆ ଭାଷା ବିକାଶର ଅନୁଚିନ୍ତା’ ପ୍ରସଙ୍ଗରେ ତ୍ରିନାଥ ମହାରଣାଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ସଭାରେ ଦୈନିକ ଆଶାର ଅଧ୍ୟକ୍ଷ ଡ଼ ଭଗବାନ ଗନ୍ତାୟତ, ଚକ୍ଷୁ ଚିକିତ୍ସକ ତଥା ସାହିତ୍ୟିକ ଡ଼ ରାଜେନ୍ଦ୍ର ପ୍ରସାଦ ବେହେରା ଅତିଥି ରୂପେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଭାଷା ଆନ୍ଦୋଳନର ସମ୍ପାଦକ ହରେକୃଷ୍ଣ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ପ୍ରାକ୍ତନ ଓଡ଼ିଆ ବିଭାଗ ମୁଖ୍ୟ ଡ଼ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ଅତିଥି ଡ଼ ବେହେରା ଓ ଡ଼ ଗନ୍ତାୟତ ଭାଷା ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ଘରେ ପାଶ୍ଚାତ୍ୟ ଶିକ୍ଷା ପ୍ରଭାବରୁ ଓଡ଼ିଆ ଭାଷାର ବ୍ୟବହାର କମି ଯାଉଥିବାରୁ ସେମାନେ ଉଦବେଗ ପ୍ରକାଶ କରିଥିଲେ। ଏ ଅବସରରେ ଡ଼ ଗନ୍ତାୟତ, ଡ଼ ବେହେରା, ନିର୍ଭିକ ସାମ୍ବାଦିକ ହୃଷିକେଶ ମହାନ୍ତି ଓ ଜ୍ୟୋତି ରଞ୍ଜନ ଦାଶଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଅଧିବକ୍ତା ଗୌରୀ ଶଙ୍କର ପଟ୍ଟନାୟକ ଓ ଉପସଭାପତି ପ୍ରମୋଦ କୁମାର ସାହୁ ଅଂଶ ଗ୍ରହଣ କରିଥିଲେ। ଶେଷରେ ପୂର୍ବତନ ପ୍ରଧାନଶିକ୍ଷକ ହିମାଂଶୁ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ମାଗଣା ସ୍ୱାସ୍ଥ୍ୟ ଶିବିର

ବ୍ରହ୍ମପୁର, ୧୧।୧(ସମିସ): ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରେଡକ୍ରସ୍ ଓ କାର୍ଡ ଏନଜିଓ ତରଫରୁ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି। ଏଥିରେ ରକ୍ତଚାପ, ମଧୁମେହ ଓ କର୍କଟ ରୋଗ ପରୀକ୍ଷା କରାଯାଇ ଔଷଧ ପରାମର୍ଶ ପ୍ରଦାନ କରାଯାଇଥିଲା। ଶିବିରକୁ କର୍ପୋରେଟର ଡି କରୁଣାକର ଉଦ୍‌ଘାଟନ କରିଥିଲେ। ପୁରାତନ କର୍ପୋରେଟର ମମତା ବିଷୋୟୀ ଯୋଗଦାନ କରିଥିଲେ। ଶିବିରରେ ୨୦୦ରୁ ଊର୍ଦ୍ଧ୍ୱ ଲୋକ ଉପକୃତ ହୋଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରି ଡ କାହ୍ନୁ ଚରଣ ପାତ୍ର ଓ କାର୍ଡ ଏନଜିଓର ସଭାପତି ସୁରେଶ ଚନ୍ଦ୍ର ସାହୁଙ୍କ ମିଳିତ



ତତ୍ତ୍ୱାବଧାନରେ ପବ୍ଲିକ ହେଲଥ୍ ମ୍ୟାନେଜର ଉମେଶ କୁମାର ପଣ୍ଡା, ଫାର୍ମାସିଷ୍ଟ ବିମଳ ରାମ ଗନ୍ତାୟତ, ଡାଟା ଆସିଷ୍ଟାଣ୍ଟ ଆକାଉଣ୍ଟ ସୋମନାଥ ସୁବୁଦ୍ଧି ସମେତ ସମସ୍ତ ମେଡ଼ିକାଲ୍ ଷ୍ଟାଫ୍, ଏନ ମ ସୁନୀତା କୁମାରୀ ପତି, ଆଶା ଦିଦି ଓ ମହିଳା ଆରୋଗ୍ୟ ସମିତି ମେମ୍ବର ମାନେ ଉପସ୍ଥିତ ଥିଲେ।

## ଠାକୁର ଅନୁକୂଳଚନ୍ଦ୍ରଙ୍କ ଜୟନ୍ତୀ ଉତ୍ସବ



ଭଞ୍ଜନଗର, ୧୧।୧(ସମିସ): ନିକଟସ୍ଥ ଜିଲୁଣ୍ଡି ସତ୍‌ସଙ୍ଗ ବିହାର ପରିସରରେ ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୭ତମ ଜୟନ୍ତୀ ପାଳିତ ହୋଇଯାଇଛି। ସଭାପତି ତଥା ସହ ପ୍ରତିଋତ୍ୱିକ ଭଗବାନ ବଡ଼େଇଙ୍କ ପରିଚାଳନାରେ ସତ୍‌ସଙ୍ଗ ଅନୁଷ୍ଠିତ ହୋଇଥିଲା। ପବିତ୍ର ଭାଇ ସତ୍ୟାନୁସରଣ ପାଠ କରିଥିବା ବେଳେ ଦିବାକର ଭାଇ ନାରୀର ନୀତି ପାଠ କରିଥିଲେ। ପ୍ରମୋଦ ମହାପାତ୍ର, ରିଙ୍କି ଭାରତୀ, ନୃସିଂହ ଭାଇ ପ୍ରମୁଖ ଭଜନ କୀର୍ତ୍ତନ ପରିବେଷଣ କରିଥିଲେ। ଅଧିବେଶନରେ ଜଳେଶ୍ୱରରୁ ଆସିଥିବା କେଦାରନାଥ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇ ଠାକୁରଙ୍କ ଦିବ୍ୟ ଅମୃତବାଣୀ ପ୍ରଦାନ କରି ଶ୍ରୀଶ୍ରୀ ଠାକୁରଙ୍କର ମହତବାଣୀ ଉପସ୍ଥାପନ କରିଥିଲେ। ସହପ୍ରତି ଋତ୍ୱିକ୍ ଧ୍ରୁବ ମହାରଣା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁରର ସହପ୍ରତି ଋତ୍ୱିକ୍ ବିଜୟ ଚନ୍ଦ୍ର ପଣ୍ଡା, ଶରତ ଜେନା, ଅରକ୍ଷିତ ରଣା ଓ ବିଜୟ କୁମାର ନାୟକ ପ୍ରମୁଖ ଅତିଥିଭାବେ ଉପସ୍ଥିତ ରହିଥିଲେ। ରାମଚନ୍ଦ୍ର ଗୌଡ଼ ସହଯୋଗ କରିଥିଲେ।

## ମହିଳା ସ୍ନାତକ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

ପାରଳାଖେମୁଣ୍ଡି, ୧୧।୧(ସମିସ): ପାରଳାଖେମୁଣ୍ଡିସ୍ଥିତ ମହିଳା ସ୍ନାତକ ମହାବିଦ୍ୟାଳୟର ୧୦ମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାର ଉଦଘାଟନରେ ମୁଖ୍ୟ ଅତିଥି ଭାବେ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ଜିତେନ୍ଦ୍ର ନାଥ ପଟ୍ଟନାୟକ ଯୋଗ ଦେଇଥିଲେ। ଏହି ଅବସରରେ ମହିଳା ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ଼.ରୀନା ସାହ ଉପସ୍ଥିତ ଥିଲେ। କ୍ରୀଡ଼ା ସଂସଦର ସଂଯୋଜିକା ଅଧ୍ୟାପିକା ମଧୁସ୍ମିତା ପ୍ରଧାନ ଓ ସୁକୁମାର ଶତପଥୀଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତା ହୋଇଥିଲା। ଦୁଇ ଦିନିଆ କ୍ରୀଡ଼ା ପ୍ରତିଯୋଗିତାରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା। ଏଥିରେ ୮୦ରୁ ଅଧିକ ଛାତ୍ରୀ ଭାଗନେଇଥିଲେ। ସଫଳ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରତିଯୋଗତାରେ ଯୁକ୍ତ ତିନି ଦ୍ୱିତୀୟ ବର୍ଷର ଛାତ୍ରୀ ପ୍ରିୟଙ୍କା ଜେନା ଚାମ୍ପିଆନ ହୋଇଥିଲେ।



ବରିଷ୍ଠ ଅଧ୍ୟାପିକା ଡ ଭାରତୀ ପାଣିଗ୍ରାହୀ ପ୍ରାରମ୍ଭିକ ସୂଚନା ଦେଇଥିଲେ।

## ଦାରିଙ୍ଗବାଡ଼ି ଶୀତ ମହୋତ୍ସବ ଉଦ୍‌ଘାଟିତ



ଦାରିଙ୍ଗବାଡ଼ି, ୧୧।୧(ସମିସ):

କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ିରେ ଶୀତ ମହୋତ୍ସବ ଉଦଘାଯଟିତ ହୋଇଛି। ଉଦଘାଟନ କାର୍ଯ୍ୟକ୍ରମ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ମୁଖ୍ୟବକ୍ତା ଭାବେ ଜି.ଉଦୟଗିରି ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ, ସ୍ୱତନ୍ତ୍ର ଅତିଥି ଭାବେ ଆସିକା ସାଂସଦ ଅନିତା ପ୍ରିୟଦର୍ଶିନୀ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ଯାକବ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ରଞ୍ଜନ ପ୍ରଧାନ, ଜିଲ୍ଲାପରିଷଦ ସଭ୍ୟା ଦୀପିକା ମାଝୀ, ଦାରିଙ୍ଗବାଡ଼ି ସରପଞ୍ଚ ଚନ୍ଦ୍ରିକା ମଲ୍ଲିକ, ବିଡିଓ ତଥା ଶୀତ ମହୋତ୍ସବର ସମ୍ପାଦକ ପ୍ରିତିରଞ୍ଜନ ରଥ ଓ ତହସିଲଦାର ଶରତ ଶବର ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିଡ଼ିଓ ଶ୍ରୀ ରଥ ଏବଂ ତହସିଲଦାର ଶ୍ରୀ ଶବର ଫୁଲତୋଡ଼ା ଏବଂ ଅଙ୍ଗବସ୍ତ୍ର ଦେଇ ଅତିଥିଙ୍କୁ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମକୁ ଶିବାନନ୍ଦ ଓ ଲିସା ସଂଯୋଜନା କରିଥିଲେ। ଥାନା ଅଧିକାରୀ କନକ ମାଝୀଙ୍କ ନେତୃତ୍ୱରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ରେ ସୌରଭ ଭରଦ୍ୱାଜଙ୍କ ଭଜନରେ ଝୁମିଲେ ଦର୍ଶକ। ନୃତ୍ୟ ଗୀତରେ ଦୁମୁକି ଉଠିଥିଲା ମଞ୍ଚ।

## ଆଞ୍ଚଳିକ ଚିତ୍ରଶିଳ୍ପୀ ସଂଘର ବୈଠକ

ଦିଗପହଣ୍ଡି, ୧୧।୧(ସମିସ): ଦିଗପହଣ୍ଡି ଘୋଡ଼ାହାଡ଼ ଡ୍ୟାମ ଛକ ନିକଟ ପାତାଳେଶ୍ୱର ଶୈବପୀଠ ପ୍ରାଙ୍ଗଣରେ ଆଞ୍ଚଳିକ ଚିତ୍ରଶିଳ୍ପୀ ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଚିତ୍ରଶିଳ୍ପୀ ରାମାନୁଜ ପଟ୍ଟନାୟକ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଆସନ୍ତା ମାର୍ଚ୍ଚ ୨୦ ତାରିଖରୁ ୨୪ ତାରିଖ ଯାଏଁ ୪ ଦିନ ବ୍ୟାପୀ ଦିଗପହଣ୍ଡି ବଜାର ଗାନ୍ଧୀ ଛକରେ ଗତବର୍ଷ ଭଳି ଚଳିତ ବର୍ଷ ଚିତ୍ରକଳା କର୍ମଶାଳା ଓ ପ୍ରଦର୍ଶନୀ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନା ନିମନ୍ତେ ଅନ୍ତରୀଣ କର୍ମକର୍ତ୍ତା ଚୟନ କରାଯାଇଥିଲା। ଆବାହକ ରୂପେ ଆଇନଜୀବୀ କୁରେଶୁ ପଣ୍ଡା, ସଭାପତି ଭାବେ ରାମାନୁଜ ପଟ୍ଟନାୟକ, ଉପସଭାପତି ଅମର ନାୟକ, ସମ୍ପାଦକ ଗିରିଶ ଚନ୍ଦ୍ର କବି, ସହ ସମ୍ପାଦକ ସୁରେନ୍ଦ୍ର ମାର୍ଥା, କୋଷାଧ୍ୟକ୍ଷ ପ୍ରଭାତ ଚନ୍ଦ୍ର ପାଢ଼ୀଙ୍କୁ



ଚୟନ କରାଯାଇଥିଲା। କାର୍ଯ୍ୟକାରୀ କମିଟି ସଭ୍ୟ ଭାବେ ଶିବ ପ୍ରସାଦ ସାହୁ, ବାଙ୍କ ବିହାରୀ ଦାଶ, ସୁଶୀଲ କୁମାର ନାୟକ, ସୁଶାନ୍ତ ବେଜ, ଅରୁଣ କୁମାର ସାହୁ, ଅନୀଲ କୁମାର ସାହୁ ଓ ସୌମ୍ୟ ରଞ୍ଜନ ମିଶ୍ରଙ୍କୁ ମନୋନୀତ କରାଯାଇଥିଲା।

■ ପ୍ରତିଶ୍ରୁତି ରଖିଲେ ବିଧାୟକ

# ଇନ୍ଦ୍ରାବତୀରୁ ରାଜଧାନୀକୁ ଗଡ଼ିଲା ସରକାରୀ ବସ୍



ତେନ୍ତୁଳିଖୁଣ୍ଟି,୧୧ା୧(ସମିସ): ନବରଙ୍ଗପୁର ଜିଲ୍ଲା ଇନ୍ଦ୍ରାବତୀ ପ୍ରକଳ୍ପ ମୁଖ୍ୟ ଦପ୍ତର ଖାତିଗୁଡାରୁ ରାଜଧାନୀ ଭୁବନେଶ୍ୱରକୁ ରାଜ୍ୟ ସଡ଼କ ପରିବହନ ନିଗମ ତରଫରୁ ଏକ ଶୀତତାପ ନିୟନ୍ତ୍ରିତ ସରକାରୀ ବସ୍‌ସେବାର ଶୁଭାରମ୍ଭ ହୋଇଛି। ନବରଙ୍ଗପୁର ବିଧାୟକ ଗୌରିଶଙ୍କର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୂଜାର୍ଚ୍ଚନା ସହ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଛନ୍ତି। ଇନ୍ଦ୍ରାବତୀବାସୀ ଦୀର୍ଘଦିନରୁ ରାଜଧାନୀକୁ ସରକାରୀ ବସ୍ ସେବା ଯୋଗାଇବାକୁ ଦାବି କରିଆସୁଥିଲେ। ସାଧାରଣ ନିର୍ବାଚନ ସମୟରେ ବିଧାୟକ ଏହି ସେବା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ବସ୍ ଶୁଭାରମ୍ଭ ପରେ ଅଞ୍ଚଳବାସୀ ବିଧାୟକ ଶ୍ରୀ ମାଝୀ ଏବଂ ସାଂସଦ ଙ୍ଗ ବଳଭଦ୍ର ମାଝୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଶୁକ୍ରବାର ଏହି ବସ୍‌ସେବା ଭୁବନେଶ୍ୱରଠାରେ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନାଙ୍କ ଦ୍ୱାରା ଉଦ୍‌ଘାଟନ ହୋଇଥିବାବେଳେ ଶନିବାର ଇନ୍ଦ୍ରାବତୀରେ ଏହି ସେବାର ଶୁଭ ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ବସ୍ ପ୍ରତିଦିନ ସନ୍ଧ୍ୟା ୭ଟାରେ ଯାତ୍ରା ଆରମ୍ଭ କରି ନବରଙ୍ଗପୁର, ଭବାନୀପାଟଣା, ବାଲିଗୁଡା ଫୁଲବାଣୀ ହୋଇ ସକାଳ ୬ଟାରେ ରାଜଧାନୀରେ ପହଞ୍ଚିବ ବୋଲି ଓଡ଼ିଶା ପରିବହନ ନିଗମ ଜିଲ୍ଲା ପରିଚାଳକ ସନ୍ତୋଷ କୁମାର ନାୟକ ସୂଚନା ଦେଇଛନ୍ତି। ଉଦ୍‌ଘାଟନ ସମୟରେ ବିଧାୟକଙ୍କ ସମେତ ସହକାରୀ ଆଞ୍ଚଳିକ ପରିବହନ ଅଧିକାରୀ ଅବିନାଶ ବଳ, ରାଜ୍ୟ ସଡ଼କ ପରିବହନ ନିଗମ ଜିଲ୍ଲା ଶାଖା ଅଧିକାରୀ ଶୁଭମ କର, ଗୋପାଳ ଶ୍ରୀକ୍ଷେତ୍ର ପରିଚାଳନା କମିଟି ସଭାପତି ଗୋପାଳ କୃଷ୍ଣ ଭଞ୍ଜ, ବିଜେପି ମଣ୍ଡଳ ସଭାପତି ପ୍ରଶାନ୍ତ କୁମାର ନାୟକ, ବରିଷ୍ଠ ସାମ୍ବାଦିକ ପୃଥ୍ୱୀରାଜ ପାଇକରାୟ, ହରେକୃଷ୍ଣ ମୁଦୁଲି, ଚନ୍ଦ୍ର ଶେଖର ଜେନା, ମହେଶ୍ୱର ଦଳେଇ, ଅକ୍ଷୟ ମହାନ୍ତି, ବାବୁଲା ନାୟକ, ସାମ୍ବାଦିକ ମହେଶ୍ୱର ମହାନ୍ତି, ପ୍ରଦୀପ ସେନାପତି, ଦୀପକ ରାଉତ, ଚିଦାନନ୍ଦ ସାହୁ, ମୁନା ଦଳେଇ, ଗୋପାଳ ନାୟକଙ୍କ ସମେତ ଶତାଧିକ ବିଜେପି କର୍ମୀ ଉପସ୍ଥିତ ଥିଲେ।

ନିରାଶ ହେଲେ କୋଷାଗୁମୁଡ଼ାବାସୀ

# ସ୍ୱପ୍ନରେ ରହିଗଲା ରାଜଧାନୀକୁ ସରକାରୀ ବସ୍ ଚଳାଚଳ

କୋଷାଗୁମୁଡ଼ା,୧୧ା୧(ସମିସ):

କୋଷାଗୁମୁଡ଼ାବାସୀଙ୍କ କୋଷାଗୁମୁଡ଼ାରୁ ରାଜଧାନୀକୁ ବସ୍ ଗଡ଼ିବା ସ୍ୱପ୍ନରେ ରହିଯାଇଛି। ରାଜଧାନୀକୁ ସରକାରୀ ବସ୍ ଚଳାଚଳ ନେଇ ଦୀର୍ଘଦିନରୁ ଅଞ୍ଚଳବାସୀ ଦାବି କରିଆସୁଥିଲେ। ଦୁଇଦିନ ତଳେ ସରକାରଙ୍କ ଦ୍ୱାରା ଭୁବନେଶ୍ୱରରୁ ବିଭିନ୍ନ ରୁଟ୍‌କୁ ସରକାରୀ ବସ୍ ସେବାର ଶୁଭାରମ୍ଭ ହୋଇଥିବାବେଳେ ଶନିବାର ଦିନ ଏହି ସରକାରୀ ବସ୍ ସେବା ବହୁ ସ୍ଥାନରୁ ଶୁଭାରମ୍ଭ ହୋଇଛି। କିନ୍ତୁ କୋଷାଗୁମୁଡ଼ାରୁ ଦୂରଗାମୀ ବସ୍ ସେବା ଧୀରେ ଧୀରେ ବନ୍ଦ ହୋଇଥିବାବେଳେ ସରକାର ଏଥର ବସ୍‌ସେବା ଆରମ୍ଭ କରିବେ ବୋଲି ଅଞ୍ଚଳବାସୀ ଆଶା ବାନ୍ଧିଥିଲେ। ମାତ୍ର ନଚାଲିବାରୁ ଅଞ୍ଚଳବାସୀ ନିରାଶ ହେବା ସହ ଅସନ୍ତୋଷ ଜାହିର କରିଛନ୍ତି।

ନବରଙ୍ଗପୁର ଜିଲ୍ଲାର ବୃହତମ ପଞ୍ଚାୟତ ସମିତି କୋଷାଗୁମୁଡ଼ାକୁ କିପରି ସରକାର ବୈମାତୃକ ମନୋଭାବ ପୋଷଣ କରୁଛନ୍ତି ବର୍ତ୍ତମାନ ସାଧାରଣରେ ଚର୍ଚ୍ଚାର ପରିସରକୁ ଆସିଛି। ପୂର୍ବଭଳି କୋଷାଗୁମୁଡ଼ାରୁ ଦୂରଗାମୀ ବସ୍ ଗୁଡ଼ିକୁ ଚାଲୁ କରିବା ପାଇଁ ବିଧାୟକ, ସାଂସଦଙ୍କୁ ନିବେଦନ କରିଥିଲେ କୋଷାଗୁମୁଡ଼ା ଯୁବମଣ୍ଡଳୀ, ବିନାୟକ ୟୁଥ କ୍ଲବ, ସହିଦ ଲକ୍ଷ୍ମଣ ନାୟକ ସ୍ୱେଚ୍ଛାସେବୀ ସଂଗଠନ, କୋଷାଗୁମୁଡ଼ା ବଣିକ ସଂଘ ସମେତ କୋଷାଗୁମୁଡ଼ା ବାସୀ। ସମୂହ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାରଙ୍କ ତରଫରୁ ଭୁବନେଶ୍ୱର, କଟକ, ପୁରୀକୁ କୋଷାଗୁମୁଡ଼ାରୁ ବସ୍‌ଚଳାଚଳ କଲେ ଅଞ୍ଚଳବାସୀ ଉପକୃତ ହେବେ। ଲୋକେ ବର୍ତ୍ତମାନ ନବରଙ୍ଗପୁରକୁ ୪୫କିଲୋମିଟର, ପାପଡାହାଣ୍ଡିକୁ ୩୫କିଲୋମିଟର ଓ କୋଟପାଡ଼କୁ ୨୦କିଲୋମିଟର ଯାଇ ଅନ୍ୟ ଗୋଟେ ବସ୍‌ରେ ଯିବାଆସିବା କରିବା ସହ ନାହିଁ ନଥିବା ଅସୁବିଧାର ସଂମୁଖୀନ ହେଉଛନ୍ତି। କିଛିଦିନ ତଳେ ଏକ ଏସି ବସ୍ ନବରଙ୍ଗପୁରରୁ କୋଷାଗୁମୁଡ଼ାକୁ ଯିବାଆସିବା କରିବା ପାଇଁ ପଡିଥିଲା ତାହାକୁ ପୁଣି ନବରଙ୍ଗପୁରକୁ ଫେରାଇ ନିଆଯାଇଛି। ଯାହାର କାରଣ ଜଣାପଡିନାହିଁ। ଦୁଃଖର ବିଷୟ କୋଷାଗୁମୁଡ଼ାବାସୀ ରାଜଧାନୀ କ'ଣ ନବରଙ୍ଗପୁରକୁ ବି ଯିବାଆସିବା ପାଇଁ ଦିନ ଭିତରେ ୩ରୁ ୪ଟି ବସ ଚଳାଚଳର ମଧ ସମୟ ଠିକଣା ସଠିକ ରହୁନାହିଁ ବୋଲି ଯାତ୍ରୀ ଘରକୁ ବାହୁଡ଼ି ଯିବାକୁ ବାଧ ହେଉଛନ୍ତି। ସନ୍ଧ୍ୟା ହେଲେ କୋଷାଗୁମୁଡ଼ା ସମ୍ପୂର୍ଣ୍ଣ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଉଛି। ନବରଙ୍ଗପୁରରୁ ଯିବା ପାଇଁ ଆଉ ବସ୍ ନଥିବା ବେଳେ ଆସିବା ପାଇଁ ମଧ ବସ ନାହିଁ। ତେଣୁ ଯଥାଶୀଘ୍ର କୋଷାଗୁମୁଡ଼ାକୁ ଏକ ଭଲ୍‌ବୋ ବସ ଭୁବନେଶ୍ୱର, କଟକ, ପୁରୀକୁ ଯିବାପାଇଁ ଓଡ଼ିଶା ସରକାର ପରିବହନ ମନ୍ତ୍ରୀଙ୍କୁ କୋଷାଗୁମୁଡ଼ାବାସୀ ନିବେଦନ କରିଛନ୍ତି।



# ପାଣିରେ ବୁଡ଼ି ୪ବର୍ଷର ଶିଶୁ ମୃତ

ବୈପାରୀଗୁଡା,୧୧ା୧(ସମିସ): ବୈପାରୀଗୁଡା ଥାନା ଅନ୍ତର୍ଗତ ରାମଗିରି ପଞ୍ଚାୟତର କୁରୁପଦରଠାରେ ଏକ ଅଭାବନୀୟ ଘଟଣା ଘଟିଛି। ପାଣିରେ ବୁଡ଼ି ଜଣେ ୪ବର୍ଷ ଶିଶୁର ମୃତ୍ୟୁ ଘଟିଛି। ମୃତକ କୁରୁପଦର ଗ୍ରାମର ରୁକଧର ମାଳିଙ୍କ ୪ ବର୍ଷର ପୁଅ ଆଦିତ୍ୟ ମାଳି। ସୂଚନା ଅନୁଯାଇ, ଆଦିତ୍ୟ ଆଜି ଅଙ୍ଗନବାଡ଼ି କେନ୍ଦ୍ରରୁ ଯାଇ ଫେରିବାପରେ କିଛି ସାଙ୍ଗଙ୍କ ସହିତ ଖେଳିବାକୁ ବାହାରିଥିଲା। କୁରୁପଦର ଏବଂ ଡାଣ୍ଡଖାଲ ରାସ୍ତା ମଝିରେ ଥିବା ପୋଲ ନିକଟରେ ଖେଳୁଥିବାବେଳେ ଗୋଡ଼ ଖସି ଯିବାରୁ ପୋଲ ତଳୁ ପାଣିକୁ ପଡିଯାଇଥିଲେ। ପାଣିରେ ବୁଡ଼ିଯାଉଥିବା ଦେଖି ସାଥିରେ ଥିବା ସାଙ୍ଗମାନେ ଗାଁକୁ ଆସି ଜଣାଇଥିଲେ। ପରିବାର ଲୋକେ ଏବଂ ଗାଁ ଲୋକେ ପହଞ୍ଚି ଆଦିତ୍ୟଙ୍କୁ ଉଦ୍ଧାର କରି ରାମଗିରି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। କିନ୍ତୁ ଡ଼ାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ରାମଗିରି ଫାଣ୍ଡି ଏଏସ୍‌ଆଇ ସୁବାସ ଷଡ଼ଙ୍ଗୀ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ।



# ପ୍ରବାସୀ ଭାରତୀୟ ଦିବସ ପାଳିତ

କୋରାପୁଟ,୧୧ା୧(ସମିସ): ସରକାରୀ ମହାବିଦ୍ୟାଳୟ କୋରାପୁଟରେ ୧୮ ତମ ପ୍ରବାସୀ ଭାରତୀୟ ଦିବସ ପାଳିତ ହୋଇଯାଇଛି। ତ୍ରିଦିବସୀୟ ଏହି କାର୍ଯ୍ୟକ୍ରମର ପ୍ରଥମ ଦିନରେ ମହାବିଦ୍ୟାଳୟ ଓ ସରକାରୀ ଉଚ୍ଚ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଏକ ୱାକାଥନ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ପରିସରରୁ ନିକଟସ୍ଥ ଲାଣ୍ଡିଗୁଡା ଗ୍ରାମକୁ ଯାଇ ପ୍ରବାସୀ ଭାରତୀୟ ଦିବସ ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ। ଦ୍ୱିତୀୟ ଦିବସରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରଶ୍ନ-ଉତ୍ତର, ପ୍ରବନ୍ଧ ରଚନା ଓ ପୋଷ୍ଟର ପ୍ରସ୍ତୁତି ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ମୁଖ୍ୟଅତିଥି ଭାବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଦୀପକ କୁମାର ପଟ୍ଟନାୟକ ଯୋଗଦେଇ ଏହି ଦିବସ ପାଳନର ତାତ୍ପର୍ଯ୍ୟ, ଆଭିମୁଖ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ପିଲାଙ୍କୁ ଅବଗତ କରିଥିଲେ। ସମ୍ମାନିତ ଅତିଥି ଭାବରେ ରସାୟନ ବିଜ୍ଞାନର ସହକାରୀ ପ୍ରଫେସର ଡ. ଏଲ୍ ସତୀଶ ଆଚାରୀ ଦକ୍ଷିଣ କୋରିଆରେ ଗବେଷଣା କରିବା ସମୟର ନିଜ ଅନୁଭୂତି ପିଲାଙ୍କ ସହ ବାଣ୍ଟିଥିଲେ। ଅନ୍ୟତମ ଅତିଥି ଭାବରେ ଯୋଗଦେଇ ପଦାର୍ଥ ବିଜ୍ଞାନର ସହକାରୀ ପ୍ରଫେସର ଡ.ଗଂଜନ କୁମାର ବାରିକ ଆମେରିକାରେ ଉଚ୍ଚତର ଗବେଷଣା କରିବା ସମୟରେ ପ୍ରବାସୀ ଭାରତୀୟଙ୍କ ସହ ତାଙ୍କର ଅନୁଭୂତି ଓ ପ୍ରବାସୀଙ୍କ ଦୃଷ୍ଟିରେ ଭାରତ ବିଷୟରେ ଅଭିଭାଷଣ ଦେଇଥିଲେ। କାର୍ଯ୍ୟକ୍ରମର ପରିଚାଳନା କରିଥିଲେ ଡ. ପ୍ରୀତିଧାରା ସାମଲ ଓ ଧନ୍ୟବାଦ ଅର୍ପଣ କରିଥିଲେ ହିନ୍ଦୀ ବିଭାଗ ଅଧ୍ୟାପକ ରାଜେନ୍ଦ୍ର କୁମାର ବରିହା। ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସହଯୋଗ କରିଥିଲେ ଡ.ଲୋପାମୁଦ୍ରା ସ୍ୱାଇଁ, ଅର୍ଜୁନ ବେହେରା, ଡ. ଶୁଭଦର୍ଶିନୀ ପ୍ରଧାନ, ଡ. ସୁଶୀଳ କୁମାର ଗଡନାୟକ, ଡ. ଅଜିତ କୁମାର ବେହେରା ଏବଂ ପ୍ରଶାନ୍ତ ସାନ୍ତରା।



■ ଜିଲ୍ଲାସ୍ତରୀୟ ପ୍ରବାସୀ ଭାରତୀୟ ପ୍ରବନ୍ଧ ପ୍ରତିଯୋଗିତା

# ଉମରକୋଟର ଛାତ୍ର ଶୁଭମ୍ ତୃତୀୟ

ଉମରକୋଟ,୧୧ା୧(ସମିସ):

ନବରଙ୍ଗପୁର ଜିଲ୍ଲାସ୍ତରୀୟ ପ୍ରବାସୀ ଭାରତୀୟ ଦିବସ ଅବସରରେ ଅନୁଷ୍ଠିତ ପ୍ରବନ୍ଧ ପ୍ରତିଯୋଗିତାରେ ଉମରକୋଟ ଏସଏସ୍ ବାଲ୍ ମନ୍ଦିରର ଅଷ୍ଟମ ଶ୍ରେଣୀ ଛାତ୍ର ଶୁଭମ୍ ନନ୍ଦ ତୃତୀୟ ସ୍ଥାନ ହାସଲ କରିଛନ୍ତି। ନବରଙ୍ଗପୁର ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନଠାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ତୃତୀୟ ସ୍ଥାନ ହାସଲ କରି ମାନପତ୍ର ଓ ଟ୍ରଫି ହାସଲ କରିଛନ୍ତି। ଏସ୍‌ଏସ୍ ବାଲ ମନ୍ଦିର ସ୍କୁଲ ପରିଚାଳନା ନିର୍ଦ୍ଦେଶକ ରାକେଶ କୁମାର ପଟ୍ଟନାୟକ, ପ୍ରଶାସନିକ ଅଧିକାରୀ ଶରତ କୁମାର ପ୍ରଧାନ, ଅଧକ୍ଷା ସସ୍ମିତା ବେହେରା, ଶିକ୍ଷୟିତ୍ରୀ ସାଗରିକା ମହାନ୍ତିଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ କର୍ମଚାରୀ ଶୁଭମ୍‌ଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ୮୪ ଆୟାପ୍ପା ସ୍ୱାମୀଙ୍କ ଶାବରୀମାଳା ଗସ୍ତ



ଉମରକୋଟ,୧୧ା୧(ସମିସ)

ଉମରକୋଟ ଆୟାପ୍ପା ଭକ୍ତଙ୍କ ଶାବରୀମାଳା ଯାତ୍ରା ଆରମ୍ଭ ହୋଇଛି। ୪୧ ଦିନ ବ୍ରହ୍ମଚର୍ଯ୍ୟ ପାଳନ ପରେ ଉମରକୋଟରୁ ୮୦ ଜଣ ଆୟା ଆୟାପ୍ପା ଦୀକ୍ଷାଧାରୀ ସ୍ୱାମୀ ଓ ସିଭିଲରେ ୪ ଜଣ ସ୍ୱାମୀମାନେ ଭଗବାନ ଆୟାପ୍ପାଙ୍କ ଦର୍ଶନ ଓ ଜ୍ୱତି ଦର୍ଶନ ପାଇଁ କେରଳ ଯାଇଛନ୍ତି। ଉମରକୋଟସ୍ଥିତ ପେଣ୍ଡ୍ରାଣୀ ମନ୍ଦିରରେ ରାବଣା ଗୁରୁ ସ୍ୱାମୀଙ୍କ ସହାୟତାରେ ଇରୁମୁଡି କାର୍ଯ୍ୟକ୍ରମ ସମ୍ପନ୍ନ କରାଯାଇଥିଲା। ଭକ୍ତ ମନସ୍କାମନା କରି ଯେ କୌଣସି ଦୀକ୍ଷାଧାରୀଙ୍କୁ ତିନି ବା ସାତମୁଠା ଚାଉଳ ଦେଇଥାନ୍ତି। ସେହି ଚାଉଳ, ଘିଅ, ନଡ଼ିଆକୁ ଏକ ନୂଆ ବସ୍ତ୍ରରେ ଗଣ୍ଠିଲା କରି ମୁଣ୍ଡରେ ଧରି ଦୀକ୍ଷାଧାରୀ ସ୍ୱାମୀମାନେ ଆୟାପ୍ପା ମନ୍ଦିରକୁ ଯାଇଥାନ୍ତି। ମନ୍ଦିରରେରେ ପ୍ରବେଶ କରିବା ପରେ ମୁଣ୍ଡରୁ ଇରୁମୁଡି ବାହାର କରିଥାନ୍ତି ଓ ଏହି ଅବସରରେ ସମସ୍ତ ଦିକ୍ଷାଧାରୀ ସ୍ୱାମୀମାନେ ପେଣ୍ଡ୍ରାଣୀ ମନ୍ଦିରରୁ ଡିଏନ୍‌କେ ପର୍ଯ୍ୟନ୍ତ ଚାଲି ଚାଲି ଆସିଥିଲେ।

# ଓକିଲ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର



ନବରଙ୍ଗପୁର,୧୧ା୧(ସମିସ): ନବରଙ୍ଗପୁର ଓକିଲ ସଂଘ ପକ୍ଷରୁ ସଂଘ କାର୍ଯ୍ୟାଳୟ ନିର୍ମାଣ ନିମନ୍ତେ ଜମି ଯୋଗାଇ ଦେବାକୁ ନବରଙ୍ଗପୁର ଜିଲ୍ଲାପାଳଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ସଂଘର ସଂପାଦକ ତପନ ସିଂଙ୍କ ନେତୃତ୍ୱରେ ଜିଲ୍ଲାପାଳ ଡ଼. ଶୁଭଙ୍କର ମହାପାତ୍ରଙ୍କୁ ଭେଟି ଏହି ସ୍ମାରକପତ୍ର ପ୍ରଦାନ କରାଯାଇଛି। ସ୍ମାରକପତ୍ର ଅନୁଯାୟୀ, ନବରଙ୍ଗପୁର ଜିଲ୍ଲା ଦୌରାଜଜ୍ କୋର୍ଟରେ ୨୧୭ ଜଣ ଆଇନଜୀବୀ ରହିଥିବା ବେଳେ କୋର୍ଟ ପରିସରରେ ସେମାନଙ୍କ ଦୈନନ୍ଦିନ ପରିଚାଳନା ପ୍ରସ୍ତୁତି କାର୍ଯ୍ୟ ପାଇଁ ସ୍ଥାନ ଅଭାବ ରହିଛି। ତେଣୁ କୋର୍ଟ ସମ୍ମୁଖରେ ଥିବା ସରକାରୀ ଖାଲି ସ୍ଥଳରୁ ୧ ଏକର ଜମି ଯୋଗାଇ ଦେବାକୁ ଜିଲ୍ଲାପାଳଙ୍କୁ ଅନୁରୋଧ କରାଯାଇଛି। ଏହି ସ୍ମାରକପତ୍ର ପ୍ରଦାନ ଅବସରରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ତଥା ସଂଘର ନିର୍ବାଚନ ଅଧିକାରୀ ସି.ଏଚ ବାବା ଯୁଗନ୍ଧର, ମାନସ ତ୍ରିପାଠୀ, ପ୍ରଶାନ୍ତ ପଟ୍ଟନାୟକ, ମୁନା ମାଝୀ, ଗଜେନ୍ଦ୍ର ଦାଶ ପ୍ରମୁଖ ଆଇନଜୀବୀ ଉପସ୍ଥିତ ଥିଲେ।

# ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ

ଉମରକୋଟ,୧୧ା୧(ସମିସ): ଉମରକୋଟ ସହର କୋଣ୍ଡାଗାଁ ରୋଡ଼ ସ୍ଥିତ କଲ୍ୟାଣ ମଣ୍ଡପଠାରେ ଉପଖଣ୍ଡସ୍ତରୀୟ ୭୬ତମ ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉମରକୋଟ ତହସିଲଦାର ମେଘବାନ ବାଗଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରସ୍ତୁତି ବୈଠକରେ ମନ୍ତ୍ରୀ ପ୍ରତିନିଧି ଅଶୋକ କୁମାର ପାତ୍ରୀ, ସାଂସଦ ପ୍ରତିନିଧି ରାମ ନାୟକ, ପୂର୍ବତନ ନଗରପାଳ ଝାଡ଼େଶ୍?ର ମହାନ୍ତି, ପୌରପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ବନମାଳୀ ଶତପଥୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ ବିକାଶ ଚନ୍ଦ୍ର ସରକାର, ବିଭିନ୍ନ ବିଦ୍ୟାଳୟ ପକ୍ଷରୁ ଶିକ୍ଷକ, ଶିକ୍ଷୟିତ୍ରୀ, ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଅନେକ ପ୍ରତିନିଧି ଓ ଖବରଦାତା ଏବଂ ସହରର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହିଥିବା ବେଳେ, ରାଜସ୍ୱ ନିରୀକ୍ଷକ ରାଜେଶ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଉପସ୍ଥିତ ଥିବା ସମସ୍ତ ଅନୁଷ୍ଠାନର ପ୍ରତିନିଧିଙ୍କୁ ଅବଗତ କରାଇଥିଲେ। ରାମ ଧୂନ ଗାଡି ସକାଳ ୫ଘଣ୍ଟାରେ ସହର ପରିକ୍ରମା କରିବ। ସହରରେ ଥିବା ସମସ୍ତ ସ୍ୱାଧୀନତା ସଂଗ୍ରାମୀ ଓ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ।

# ଡିଏଭି ମଡେଲ ସିନିୟର ସେକେଣ୍ଡାରୀ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



ଜୟପୁର,୧୧ା୧(ସମିସ): ଜୟପୁର ସ୍ଥିତ ଡିଏଭି ମଡେଲ ସିନିୟର ସେକେଣ୍ଡରୀ ବିଦ୍ୟାଳୟର ଦୁଇଦିନିଆ ବାର୍ଷିକ କ୍ରୀଡ଼ା ଶନିବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରମାକାନ୍ତ ରାଉଳ ଯୋଗଦେଇ ନିଜ ବକ୍ତବ୍ୟରେ ଶିକ୍ଷା ସହିତ କ୍ରୀଡ଼ାର ମଧ୍ୟ ଆବଶ୍ୟକତା ରହିଛି ବୋଲି କହିଥିଲେ। ବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ରବି ନାରାୟଣ ପାଣିଗ୍ରାହୀ ଏବଂ ବିଦ୍ୟାଳୟର ଅଧ୍ୟକ୍ଷ ଅବଦୁଲ କାଦେର ଅଭିଭାଷଣ ପ୍ରଦାନ କରି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଗତକାଲି କ୍ରୀଡ଼ା ଉଦ୍‌ଯାପନୀ ଉତ୍ସବରେ ସ୍ଥାନୀୟ କନକଦୁର୍ଗା ମନ୍ଦିରରୁ ମଶାଲ ଆଣିବାପରେ ଖେଳପଡିଆଠାରେ ସ୍ଥାପନ କରିଥିଲେ। ବିଦ୍ୟାଳୟର କ୍ରୀଡା ଶିକ୍ଷକ ଅଙ୍କେଶ ଶ୍ରୀବାସ୍ତବଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହଯୋଗରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଶେଷରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ତଥା ମାନପତ୍ର ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। କ୍ରୀଡା ଉଦଯାପନୀ ଉତ୍ସବ ଶେଷରେ ଉପାଧ୍ୟକ୍ଷ ମହମ୍ମଦ ମୁନଜିର ଧନ୍ୟବାଦ ଅର୍ପଣ କରିଥିଲେ।

# ଛାତ୍ରୀ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ




ଲମତାପୁଟ,୧୧ା୧(ସମିସ): ଶୁକ୍ରବାର ଲମତାପୁଟ ବ୍ଲକ ମାଟାମପୁଟ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଛାତ୍ରୀମାନଙ୍କ ସୁରକ୍ଷା ପାଇଁ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଲମତାପୁଟ ବ୍ଲକ ଶିକ୍ଷାଧିକାରୀ ସୁବ୍ରତ କୁମାର କିସ୍କୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିଲା। ଅଧ୍ୟାପକ ମଧୁସୂଦନ ଖିଲ ସ୍ୱାଗତ ଭାଷଣ ଦେଇଥିଲେ। ସଂଚାଳନ ଅଧିକାରୀ ପ୍ରଧାନ ଶିକ୍ଷକ ସୀମାଞ୍ଚଳ ମଲ୍ଲୀକ, ଅଧକ୍ଷ ରାମଚନ୍ଦ୍ର ମାଝୀ, ଡମୁ ଚାଲାଣ,ରଞ୍ଜିତା ଶିସା, ଶିକ୍ଷୟତ୍ରୀ ଦୀପ୍ତି ଟାଙ୍ଗୀ,ମଦନ ସାର ପ୍ରମୁଖ ଆତ୍ମରକ୍ଷାର ଆବଶ୍ୟକତା କାହିଁକି ରହିଛି ବୋଲି ଛାତ୍ରୀମାନଙ୍କୁ ବୁଝାଇଥିଲେ। ଦୀପ୍ତିଲତା ସାହୁ,କମଳା ପାଙ୍ଗି ପ୍ରଶିକ୍ଷକ ଭାବରେ ଯୋଗ ଦେଇଥିଲେ ଏବଂ ସ୍କୁଲର କର୍ମ କର୍ତ୍ତା ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ପୋଡ଼ାପଦର-ତଳଗୁମାଣ୍ଡି ରାସ୍ତା ଭିତ୍ତିପ୍ରସ୍ତର ସ୍ଥାପନ

ନାରାୟଣପାଟଣା,୧୧ା୧(ସମିସ):



➤ ଉପକୃତ ହେବେ ୨ ପଞ୍ଚାୟତର ୨୫ ଖଣ୍ଡ ଗାଁ
➤ ନିର୍ବାଚନ ପୂର୍ବରୁ ଦେଇଥିଲେ କଥା

ନାରାୟଣପାଟଣା ବ୍ଲକ ପୋଡ଼ାପଦରରୁ ତଳଗୁମାଣ୍ଡି ପଞ୍ଚାୟତକୁ ଯୋଗାଯୋଗ କରୁଥିବା ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ୨୨କୋଟିର ୨୦.୫କିମି ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁନ୍ତା। ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ସ୍ଥାନୀୟ ସରପଞ୍ଚ ରେବତୀ କୁହାରିଆ, ପୋଡ଼ାପଦର ସରପଞ୍ଚ ଦୟା ହବିକା, ବ୍ଲକ ଉପାଧ୍ୟକ୍ଷ ରିନୁ ଦାସ, ବଗଭିଷଣ ମହାନନ୍ଦିଆ, ଅଭିମନ୍ୟୁ ସାହୁ, ଯୁବ ସଭାପତି ମଣ୍ଟି ଖରା, ଲକ୍ଷ୍ମୀପୁର ସାଂସଦ ପ୍ରତିନିଧି କୈଳାସ ଖୋସଲା, ନାରାୟଣପାଟଣା ବ୍ଲକ ସାଂସଦ ପ୍ରତିନିଧି ସପନ ସରିତ ତୁରୁକ, ତ୍ରିନାଥ ତ୍ରିପାଠି, ବିଭାଗୀୟ ଯନ୍ତ୍ରୀ ସଂଜୟ କୁମାର ସିଂ, ଠିକାଦାର ମନୋଜ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସ୍ଥାନୀୟ ରଥ ଛକରୁ ବିଧାୟକଙ୍କୁ ନାଚ ଗୀତରେ ସ୍ୱାଗତ କରିବାପରେ ଚାନ୍ଦିନି ଛକଠାରେ ଏକ ଶୋଭା ଆୟୋଜନ କରାଯାଇଥିଲା। ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ଯୋଗଦେଇ ଫଳକ ପୂଜା କରି ଶୁଭ ଉଦ୍‌ଘାଟନ କରିଥିଲେ। ପରେ ଦୁଇ ପଞ୍ଚାୟତର ଗମନା ଗମନରେ ଏକ ନୂଆ ଅଧ୍ୟାୟ ଯୋଡ଼ି ହେବାକୁ ଯାଉଥିବା କହିଥିଲେ। ପୁରୁଣା ରାସ୍ତାରେ ବହୁ ଘାଟି ପଡୁଥିବାରୁ ନାନା ଦୁର୍ଘଟଣା ଘଟୁଥିଲା ଏଥିସହ ପୁରୁଣା ରାସ୍ତା ଶୋଚନୀୟ ହୋଇପଡିଥିବାବେଳେ ଯାତାୟତରେ ସମସ୍ୟା ହେଉଥିଲା। ନୂଆରାସ୍ତା ହେବା ଦ୍ୱାରା ଘାଟି କମିବ, ଗ୍ରାମବାସୀ ଭଲରେ ଯାତାୟାତ କରିପାରିବେ। ଏହି ରାସ୍ତା ବର୍ଷେ ମଧ୍ୟରେ ସରିବ ଓ ୨୫ଖଣ୍ଡ ଗାଁ ଲୋକେ ଉପକୃତ ହୋଇପାରିବେ। ଏହାସହ ଏକଲବ୍ୟ ମଡେଲ ସ୍କୁଲ, ନାରାୟଣପାଟଣା ନୂତନ ମେଡ଼ିକାଲ ବି ତୁରନ୍ତ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ବିଧାୟକ ପ୍ରକାଶ କରିଛନ୍ତି।

● ଜିଲ୍ଲାସ୍ତରୀୟ ଜୁନିୟର ରେଡକ୍ରସ୍ ଶିକ୍ଷା ତାଲିମ ଶିବିର

# କୋଷାଗୁମୁଡ଼ା ସରକାର ହାଇସ୍କୁଲର ୭ ଛାତ୍ରଛାତ୍ରୀଙ୍କ କୃତିତ୍ୱ



କୋଷାଗୁମୁଡା,୧୧ା୧(ସମିସ): ନବରଙ୍ଗପୁର ସ୍ଥିତ ନୋଡାଲ ସରକାରୀ ରାଜା ଚୈତନ୍ୟ ଦେବ ଉଚ୍ଚ ବିଦ୍ୟାଳୟଠାରେ ଚାଲିଥିବା ଜିଲ୍ଲା ସ୍ତରୀୟ ଜୁନିୟର ରେଡକ୍ରସ ତଥା ତାଲିମ ଶିବିରରେ କୋଷାଗୁମୁଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟରୁ ମୋଟ ୦୭ ଜଣ ନବମ ଶ୍ରେଣୀ ଛାତ୍ରଛାତ୍ରୀ ଜୁନିୟର ଭାବରେ ଓ ବିଜ୍ଞାନ ଶିକ୍ଷକ ନଳିନୀକାନ୍ତ ପାତ୍ର ପରାମର୍ଶଦାତା ଭାବରେ ଯୋଗ ଦେଇଥିଲେ। ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତା ମଧ୍ୟରୁ ବକ୍ତୃତାରେ ପ୍ରଜ୍ଞାପରମିତା ମାଳୀ ପ୍ରଥମ, ପ୍ରବନ୍ଧରେ ରୁଦ୍ର ପ୍ରସାଦ କାଳିଆ ପ୍ରଥମ, ଗ୍ରୁପ ଡ୍ୟାନ୍ସରେ ପ୍ରଥମ ସ୍ଥାନ ଓ ବକ୍ତୃତାରେ ରୁଦ୍ର ପ୍ରସାଦ କାଳିଆ ତୃତୀୟ ସ୍ଥାନ ଅଧିକାର କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଏହି ସମସ୍ତ ଛାତ୍ରଛାତ୍ରୀ ଆସନ୍ତା ୩ରେ ଭୁବନେଶ୍ୱର ଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଭାଗ ନେବେ। ଶିକ୍ଷକ ନଳିନୀ କାନ୍ତ ପାତ୍ର ପରାମର୍ଶଦାତା ଓ ବରିଷ୍ଠ ପ୍ରଶିକ୍ଷକ ଭାବରେ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ଜିଲ୍ଲାର ସମସ୍ତ ଛାତ୍ରଛାତ୍ରୀଙ୍କୁ ତାଲିମ ଦେଇ ଜିଲ୍ଲା ସ୍ତରରେ ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ଏହି ସଫଳତା ପାଇଁ ଛାତ୍ରଛାତ୍ରୀ ଓ ପରାମର୍ଶଦାତା ଶ୍ରୀ ପାତ୍ର ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପବିତ୍ର ହାଲଦାର ଓ ସହଯୋଗୀ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି।

